## ଗାଡ଼ି ସହ ୫୮ କେଜି ଗଞ୍ଜେଇ ଜବତ

**ଉଲୁଣ୍ଡା, (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଝାରବାହାଲି ପୁରୁଣା ରାସ୍ତାରୁ ଟାଟାଏସିନ୍‌ଇ ସହ ୫୮ କେଜି ଗଞ୍ଜେଇ ଜବତ କରିଛି ପୋଲିସ। ରବିବାରି ବିଳମ୍ବିତ ରାତିରେ ସୋନପୁର ପଟରୁ ଟାଟାଏସିଇ ଓଡି-୧୫କ୍ୟୁ ୫୭୪୫ ଯୋଗେ ଗଞ୍ଜେଇ ସମ୍ବଲପୁର ଯାଉଥିଲା। ଉଲୁଣ୍ଡା ପୁଲିସ ଥାନା ସମ୍ମୁଖରେ ଗାଡିକୁ ଅଟକାଇବା ବେଳେ ଡ୍ରାଇଭର ଗାଡିକୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ପୋଲିସ ପିଛା କରିବାରୁ ଡ୍ରାଇଭର ଝାରବାହାଲି ପୁରୁଣା ରାସ୍ତାରେ ଗାଡିକୁ ଛାଡି ଦେଇ ପଳାଇ ଯାଇଥିଲେ।

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଦାବି କଲେ ଶ୍ରମିକ

**ଖପ୍ରାଖୋଲ, ୩୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେନକେରା ଗ୍ରାମର ଶ୍ରମିକମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇଦେବା ପାଇଁ ସୋମବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କାମ ପାଇଁ ସେମାନେ ଆବେଦନ କରିଥିଲେ ହେଁ ପଞ୍ଚାୟତ ପ୍ରଶାସନ ସେମାନଙ୍କୁ କାମ ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ସୋମବାର ସେମାନେ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏପିଓ ସୁଧାଂଶୁ ମେହେର ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ଜବ୍ ଡିମାଣ୍ଡ କରାଯାଇଛି ବୋଲି କହିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ଅମରପାଲି,୩୧।୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଲପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଗୌନ୍ତିଆ ହରିହର ପଣ୍ଡାଙ୍କ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୯୪ବର୍ଷ ହୋଇଥିଲା। ୧୯୨୭ମସିହାରେ ଜନ୍ମଗ୍ରହଣ କରିଥିବା ପଣ୍ଡା ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ ପରେ ଗ୍ରାମସେବକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ କମଲପୁର ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଶିକ୍ଷକତା ବୃତ୍ତିକୁ ଆପଣେଇ ନେଇଥିଲେ। ୧୯୯୧ମସିହାରେ ସେ ଗାଁ ସ୍କୁଲରୁ ଶିକ୍ଷକତା ଜୀବନରୁ ଅବସର ନେଇଥିଲେ। କମଲପୁର ରାମଲୀଳା ନାଟ୍ୟ ସଂସଦର ସେ ପୁରୋଧା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ମଝିଆ ପୁଅ ମହେଶ, ସାନପୁଅ ରମେଶ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ମହାନଦୀ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ବିଷ୍ଣୁଚରଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଅମରପାଲି, ୩୧।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ପ୍ରାଧ୍ୟାପକ ହୃଷୀକେଶ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାସହିତ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଦୀନବନ୍ଧୁ ମେହେରଙ୍କୁ ଅଧ୍ୟକ୍ଷ ଭାବେ ସ୍ୱାଗତ କରାଯାଇଥିଲା। ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଝାରୀ, ପ୍ରାଧ୍ୟାପିକା ରାଜେଶ୍ୱରୀ କର, ପ୍ରାଧ୍ୟାପକ ସୁଦାମ ଚରଣ ସାହୁ, ଅଧ୍ୟାପକ ବଳରାମ ଶତପଥୀ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରକାଶ କୁମାର ସେଠ, ବିଜୟ ପଧାନ, ନରେନ୍ଦ୍ର ଝା, ଡ. ଶିଶିର ବଣିଆ, ଅଧ୍ୟାପିକା ହରପ୍ରିୟା ମହାପାତ୍ର, ସାଗରିକା ବିଶି ବକ୍ତବ୍ୟ ରଖିଥିଲେ।

### ପଥପ୍ରାନ୍ତ ନାଟକ ମାଧ୍ୟମରେ ଭୋଟର ସଚେତନତା



**ଲୋଇସିଂହା,୩୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଏବଂ ବୁଢ଼ୀପଦର ଗ୍ରାମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଏବଂ ଭୁବନେଶ୍ୱର ଆର୍‌ଓବି ଆନୁକୂଲ୍ୟରେ ଲୋଇସିଂହା ସୁର୍‌ସଙ୍ଗମ ସାଂସ୍କୃତିକ କଳାକାରଙ୍କ ଦ୍ୱାରା 'ମତଦାନ ମୋ ଅଧିକାର' ସମ୍ପର୍କରେ ପ୍ରଥପ୍ରାନ୍ତ ନାଟକ ଜରିଆରେ ଭୋଟରଙ୍କୁ ସଚେତନ କରାଯାଇଥିଲା। ନିର୍ବାଚନ ସମୟରେ ଭୋଟରଙ୍କୁ ଟଙ୍କା, ମଦ, ମାଂସରେ ପ୍ରଲୋଭିତ କରୁଥିବାରୁ ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳର ବିକାଶରେ ବାଧକ ସାଜିଛି। ଏଣୁ ଅବାଧ ଓ ମୁକ୍ତ ମତଦାନ କରିବାକୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଭୋଟରଙ୍କୁ ସଚେତନ କରିଥିଲେ କଳାକାର। ଅନୁଷ୍ଠାନର ୧୦ ଜଣ କଳାକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂଆ-ପୁରୁଣା ଲଢ଼େଇ

**ବରଗଡ଼ ଜିଲା ପରିଷଦ ନିର୍ବାଚନ**

- ଅମ୍ବାଭୋନା ବ୍ଲକ ଜୋନ୍-୨ରେ ବିଜେଡି ବିଜୟୀ
- ୩୩ ଆସନ ପାଇଁ ମଇଦାନରେ ୧୧୬ ପ୍ରାର୍ଥୀ
- ସବୁ ଦଳ ପୁରୁଣା କର୍ମୀ, ନିର୍ବାଚିତ ପ୍ରତିନିଧିଙ୍କୁ ଦେଇଛନ୍ତି ଅଗ୍ରାଧିକାର
- ନବାଗତଙ୍କ ସଖ୍ୟା ବି କିଛି କମ୍ ନୁହେଁ

**ବରଗଡ଼ ଅଫିସ୍,୩୧।୧**
**(ପ୍ରେମାନନ୍ଦ ଖମାରୀ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବରଗଡ଼ ଜିଲାର ଜିଲା ପରିଷଦ ଆସନଗୁଡ଼ିକର ସମୀକରଣକୁ ଦେଖିଲେ ନୂଆ-ପୁରୁଣା ଲଢ଼େଇ ଚାଲିଥିବା ପରିଲକ୍ଷିତ ହୋଇଛି।

ବରଗଡ଼ ଜିଲାରେ ୩୪ଟି ଜିଲା ପରିଷଦ ଆସନ ରହିଛି। ଭାଜପା, କଂଗ୍ରେସ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଅମ୍ବାଭୋନା ବ୍ଲକ ଜୋନ-୨ ଆସନକୁ ବିଜେଡି କବ୍‌ଜା କରିଛି। ଫଳରେ ଅନ୍ୟ ୩୩ ଆସନ ପାଇଁ ୧୧୬ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଅତାବିରା ବ୍ଲକ ଜୋନ-୨ ବିଜେଡ଼ି ପ୍ରାର୍ଥୀ ରଣଜିତ ସାହୁ ପୁରୁଣା ଚେହେରା। ଅମ୍ବାଭୋନା ବ୍ଲକର ଜୋନ୍-୧ରେ ବିଜେଡ଼ି ପ୍ରାର୍ଥିନୀ ନୀଳ କୁମାରୀ ନାୟକ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଏବଂ ଅନ୍ୟମାନେ ନୂଆ। ଗାଇସିଲେଟ ବ୍ଲକ ଜୋନ-୧ରୁ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବା ପରେ ବିଜେଡ଼ି, ଭାଜପା ଏବଂ ଅନ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସେମାନଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ସରୋଜ ବରିହା ଦିବ୍ୟାଙ୍ଗ। ବିଜେଡ଼ି ପ୍ରାର୍ଥୀ ନିଳମଣି ବରିହା ସରପଞ୍ଚ ଏବଂ ଭାଜପା ପ୍ରାର୍ଥୀ ୱାର୍ଡ଼ସଭ୍ୟ ଥିଲେ। ସେହିପରି ଜୋନ-୨ ଭାଜପା ପ୍ରାର୍ଥିନୀ ଝରଣା ପାଣିଗ୍ରାହୀ ପୂର୍ବତନ ସମିତି ସଭ୍ୟ ଏବଂ ଏମ୍‌ପି ପ୍ରତିନିଧି ପ୍ରବୀଣ ପାଣିଗ୍ରାହୀଙ୍କ ସ୍ତ୍ରୀ। ବିଜେଡ଼ି ପ୍ରାର୍ଥିନୀ ସୁକାନ୍ତୀ ସାହୁ ଜଗଲପାଟ ସରପଞ୍ଚ ଓ କଂଗ୍ରେସ ପ୍ରାର୍ଥିନୀ ସୌଦାମିନୀ ସାହୁ ନୂଆ ଚେହେରା। ଝାରବନ୍ଧ ଜୋନ-୧ରେ ଭାଜପା ପ୍ରାର୍ଥୀ ଗରିବ ଭୋଇ, କଂଗ୍ରେସ ପ୍ରାର୍ଥୀ ଦୀନବନ୍ଧୁ ବାଲମ ଏବଂ ବିଜେଡ଼ି ପ୍ରାର୍ଥୀ ସୁଶୀଲ ମରେଇ ପ୍ରଥମଥର ନିର୍ବାଚନ ଲଢୁଛନ୍ତି। କିନ୍ତୁ ଜୋନ-୨ର ବିଜେଡ଼ି ପ୍ରାର୍ଥୀ ସନ୍ତୋଷ କୁମାର ବେହେରା ପୂର୍ବତନ ସମିତିସଭ୍ୟ, ସ୍ୱାଧୀନ ପ୍ରାର୍ଥୀ ଜବାହାରଲାଲ ସିଂ ବରିହା ସରପଞ୍ଚ ଥିବାବେଳେ ଭାଜପା ପ୍ରାର୍ଥୀ ଚନ୍ଦ୍ରମା ପଟେଲ, କଂଗ୍ରେସ ପ୍ରାର୍ଥୀ ଡମ୍ବରୁ ବାରି, ସ୍ୱାଧୀନ ପ୍ରାର୍ଥୀ ମୁକ୍ତେଶ୍ୱର ଭୋଇ ନୂଆ ଚେହେରା।

ପାଇକମାଲ ବ୍ଲକ ଜୋନ୍-୧ ବିଜେଡ଼ି ପ୍ରାର୍ଥିନୀ ଗୀତାଞ୍ଜଳି ପୁଟା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଥିଲେ। ଅନ୍ୟସବୁ ପ୍ରାର୍ଥୀ ନୂଆ। ବରଗଡ଼ ବ୍ଲକ ଜୋନ-୧ର ଭାଜପା ପ୍ରାର୍ଥିନୀ ମୁକ୍ତା ସାହୁ ଜିଲା ପରିଷଦ ଅଧ୍ୟକ୍ଷା ଥିବାବେଳେ ବିଜେଡ଼ି ପ୍ରାର୍ଥିନୀ ପୁଷ୍ପା ଭୋଇ ପୂର୍ବତନ ସରପଞ୍ଚ। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଜୋନ-୨ରେ ସ୍ୱାଧୀନ ପ୍ରାର୍ଥିନୀ ଦେବକୀ ସାହୁ ନାମାଙ୍କନ ପ୍ରତ୍ୟାହାର ପରେ ୫ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଜୋନ-୩ର ବିଜେଡ଼ି ପ୍ରାର୍ଥୀ ମୋହନ ଲୁହା ପୂର୍ବତନ ସମିତିସଭ୍ୟ ଥିବାବେଳେ ଅନ୍ୟ ସବୁ ଚେହେରା ନୂଆ। ସେହିପରି ଜୋନ୍-୪ରେ ଭାଜପା, ବିଜେଡ଼ି, କଂଗ୍ରେସ ଏବଂ ବିଏସ୍‌ପି ମଧ୍ୟରେ ଲଢ଼େଇ ଚାଲିଛି। ଅଣସଂରକ୍ଷିତ ବରପାଲି ଜୋନ୍-୧ ଅଣସଂରକ୍ଷିତ ଆସନରେ ବିଜେଡ଼ି, ଭାଜପା, କଂଗ୍ରେସ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ଲଢ଼େଇ ହେଉଛି। ଜୋନ-୨ରେ ବିଜେଡ଼ି, ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଜୋନ-୩ରେ ଭାଜପା, ବିଜେଡ଼ି, କଂଗ୍ରେସ ପ୍ରାର୍ଥୀ ନୂଆ। ବିଜେପୁର ବ୍ଲକ ଜୋନ-୧ର ବିଜେଡ଼ି ପ୍ରାର୍ଥିନୀ ମାନିନୀ ଭୋଇ ପୂର୍ବତନ ବ୍ଲକ ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟା ଥିବାବେଳେ ଅନ୍ୟ ପ୍ରାର୍ଥୀ ନୂଆ। ଉକ୍ତ ବ୍ଲକର ଅନ୍ୟ ୨ଆସନରେ ବିଜେଡ଼ି, ଭାଜପା, କଂଗ୍ରେସ ପ୍ରାର୍ଥୀ ଦେଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବା ସମ୍ଭାବନା ରହିଛି। ଭଟଲି ବ୍ଲକର ୨ଟି ଜୋନ ପାଇଁ କଂଗ୍ରେସ, ବିଜେଡ଼ି, ଭାଜପାର ୩ଜଣ ପ୍ରାର୍ଥୀ ରହିଛନ୍ତି। ଭାଜପା ପ୍ରାର୍ଥୀ କୀରତି ଠାକୁର, ବିଜେଡ଼ି ପ୍ରାର୍ଥୀ ଈଶ୍ୱର ଚନ୍ଦ୍ର ସାହୁ ଯଥାକ୍ରମେ ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷ ପଦବୀରେ ରହିଥିଲେ। ଅନ୍ୟମାନେ ନୂଆ।

ଭେଡ଼େନ ବ୍ଲକ ଜୋନ-୩ର ବିଜେଡ଼ି ପ୍ରାର୍ଥିନୀ ପିଙ୍କି ବଡ଼େଇ ପୂର୍ବରୁ ସରପଞ୍ଚ ଥିବାବେଳେ ଜୋନ-୨ର ସତ୍ୟଜିତ ପୁରୋହିତ ବିଜେଡ଼ିର ଜଣେ ସକ୍ରିୟ କର୍ମୀ। ଅନ୍ୟ ପ୍ରାର୍ଥମାନେ ନୂଆ। ରାଜବୋଡ଼ାସମ୍ବର ବ୍ଲକ ଜୋନ-୧ର ବିଜେଡ଼ି ପ୍ରାର୍ଥିନୀ ରଜନୀ ସାହୁ ପୂର୍ବତନ ସରପଞ୍ଚ, ଭାଜପା ପ୍ରାର୍ଥିନୀ ସରସ୍ୱତୀ ସାହୁ ପୂର୍ବତନ ସମିତି ସଭ୍ୟ, ଜୋନ-୩ର ବିଜେଡ଼ି ପ୍ରାର୍ଥିନୀ ସଂଯୁକ୍ତା ମାଝି ପୂର୍ବତନ ଜିଲା ପରିଷଦ ସଭ୍ୟ, ଭାଜପା ପ୍ରାର୍ଥୀ ମକରଧ୍ୱଜ ବଗାର ପୂର୍ବତନ ସମିତି ସଭ୍ୟ ଥିଲେ। ଅନ୍ୟ ସମସ୍ତ ପ୍ରାର୍ଥୀ ନୂଆ ଚେହେରା। ସୋହେଲା ବ୍ଲକ ଜୋନ-୧ ବିଜେଡ଼ି ପ୍ରାର୍ଥିନୀ ଜାଇଫୁଲ ସିଂହ ବରିହାଙ୍କ ଶାଶୁ ଚମ୍ପାବତୀ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଥିଲେ। ଏହି ବ୍ଲକର ଜୋନ-୩ରେ ବିଜେଡ଼ି ପ୍ରାର୍ଥିନୀ ରୋଜି ନାଏକଙ୍କ ସ୍ୱାମୀ ସୁବ୍ରତ ବେହେରା ପୂର୍ବତନ ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଥିବାବେଳେ ବ୍ଲକର ଅନ୍ୟ ସବୁ ଜିଲା ପରିଷଦ ପ୍ରାର୍ଥୀ ନୂଆ ଚେହେରା। ଏଭଳି ନୂଆ-ପୁରୁଣା ଚେହେରା ମଧ୍ୟରେ ନିର୍ବାଚନୀ ଲଢେଇ ଆଗାମୀ ଦିନରେ କି ଫଳ ଦେଉଛି ତାହା ଭୋଟ୍ ଗଣତି ପରେ ସ୍ପଷ୍ଟ ହେବ।

## ବିଜେଡିରେ ମିଶିଲେ କଂଗ୍ରେସ ନେତା



ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା, କର୍ମୀ।

**କୋକସରା,୩୧।୧(ଡି.ଏନ୍.ଏ.)** କୋକସରା ବ୍ଲକ ବିଜେଡିର ଏକ ଦଳୀୟ କାର୍ଯ୍ୟକ୍ରମ ସୋମବାର ଆମପାଣି ଜୋନର ଗୋତମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଓ ବରିଷ୍ଠ ବିଜେଡିନେତା ବଦ୍ରିନାରାୟଣ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସର କେତେଜଣ ବରିଷ୍ଠ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଗୋତମୁଣ୍ଡା ପଞ୍ଚାୟତ କଂଗ୍ରେସର ସଭାପତି ମୁରଲୀ ଧରୁଆ, ରତନ ପୂଝାରି, ବିଦ୍ୟାଧର ଖର୍ସେଲ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇ ଦଳୀୟ ସଦସ୍ୟତା ଗ୍ରହଣ କରିଛନ୍ତି। ଏହି ଅବସରରେ ଆମପାଣି ଜୋନର ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ହେମନ୍ତ ମାଝି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ରତ୍ନରାଜ ମାଝୀ, ଶିବରାମ ପାତ୍ର, ଆଶୁତୋଷ ପୁରୋହିତ, ରାମଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ବିଜେଡିର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ପଞ୍ଚାୟତ ନିର୍ବାଚନରେ ଗାଁମୁହାଁ ହେଲେ ନେତା

**ବୋଡେନ, ୩୧।୧ (ଡି.ଏନ.ଏ.)** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ନୂଆପଡା ଜିଲା ବୋଡେନ ବ୍ଲକରେ ପ୍ରଚାର ଆରମ୍ଭ ହୋଇଛି। ଜୋନ ନଂ. ୧୦ ଓ ଜୋନ ନଂ. ୧୧ରେ ନିର୍ବାଚନ ପ୍ରଚାର ଲାଗି ଦଳୀୟ ନେତାମାନେ ଗାଁମୁହାଁ ହୋଇଛନ୍ତି। ପ୍ରାର୍ଥୀଙ୍କ ପ୍ରଚାର ଜମିଆସୁଥିବାବେଳେ ଗାଁମାନଙ୍କରେ କରୋନା କଟକଣା କେହି ମାନିଲା ପରି ଦେଖାଯାଉନାହିଁ। ପୂର୍ବ ଶତ୍ରୁତାକୁ ଭୁଲି ନେତାମାନେ ପ୍ରାର୍ଥୀଙ୍କ ସହ ଗାଁଗାଁ ବୁଲି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରଣକୌଶଳ ଆପଣାଉଛନ୍ତି। ବୋଡେନ ବ୍ଲକରେ ୧୫ଟି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ମୋଟ ୭୩ ଜଣ, ସମିତି ସଭ୍ୟରେ ମୋଟ ୫୬, ୱାର୍ଡ ମେମ୍ବରରେ ୧୯୩ଟି ୱାର୍ଡରୁ ୧୦୧ଟି ୱାର୍ଡରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ବାକି ୯୨ ୱାର୍ଡରୁ ୧୯୨ଜଣ ପ୍ରାର୍ଥିନୀପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

## ଗୋଟିଏ ପରିବାରରୁ ୩ ପ୍ରାର୍ଥୀ



ସୁପ୍ରଭା କମ୍ପ



ଅଞ୍ଜଳି କମ୍ପ



ସରୋଜ କମ୍ପ

**ଚର୍ଚ୍ଚାରେ ଦେଉଳପଦର କମ୍ପ ପରିବାର**

**ସୋନପୁର,୩୧।୧(ନି.ପ୍ର.)** ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକ ପଞ୍ଚାୟତ ନିର୍ବାଚନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଏ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ବ୍ଲକର ଦେଉଳପଦର ଗାଁ ଗୌନ୍ତିଆ(କମ୍ପ ପରିବାର)କୁ ନେଇ ପୁଣି ଚର୍ଚ୍ଚା। କାରଣ କମ୍ପ ପରିବାରର ୩ଜଣ ଜିଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦକୁ ଆଖିଆଗରେ ରଖି ସରୋଜ କୁମାର କମ୍ପ ବ୍ଲକର ଦୁଇ ପଞ୍ଚାୟତ କଟାପାଲି ଓ ଜରାଜରିଙ୍ଗରେ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସ୍ତ୍ରୀ ଅଞ୍ଜଳି ତରଭା ବ୍ଲକର ୧ ନମ୍ବର ଜୋନ୍‌ରୁ ବିଜେଡି ଟିକେଟ୍‌ରେ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସରୋଜଙ୍କ ଭାଉଜ ସୁପ୍ରିୟା ଚଳିତଥର ପୁଣି ଦେଉଳପଦର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ମଇଦାନରେ ଅଛନ୍ତି।

ସରୋଜ ଏବେ ବିଜେଡିର ଜିଲା ସଭାପତି ଅଛନ୍ତି। ସେ ୧୯୯୨ରେ ପ୍ରଥମ ଥର ନିର୍ବାଚନ ଲଢ଼ି ଦେଉଳପଦର ପଞ୍ଚାୟତର ସମିତି ସଭ୍ୟ ହୋଇଥିଲେ। ତେବେ ୧୯୯୭ ମସିହାରେ ସେ କଂଗ୍ରେସ ଟିକେଟରେ ଜିଲା ପରିଷଦ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ। ତା'ପରଠାରୁ ସେ ଆଉ ନିର୍ବାଚନରେ ହାରିନାହାନ୍ତି। ୨୦୦୨ରେ ୱାର୍ଡସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରବର୍ତ୍ତୀ ସମୟରେ ଦେଉଳପଦର ପଞ୍ଚାୟତର ନାଏବ ସରପଞ୍ଚ ହୋଇଥିଲେ। ୨୦୦୭ରେ ସେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୨ରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ୨୦୧୭ରେ ତରଭା ବ୍ଲକ ଜୋନ୍ ୨ରୁ ବିଜେଡି ଟିକେଟ୍‌ରେ ଜିଲା ପରିଷଦ ସଭ୍ୟ ପାଇଁ ଲଢ଼ି ନିର୍ବାଚିତ ହୋଇଛନ୍ତି। ସରୋଜଙ୍କ ପତ୍ନୀ ଅଞ୍ଜଳି ୨୦୧୭ରେ ଦେଉଳପଦର ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହ ତରଭା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ହୋଇଥିଲେ। ସରୋଜଙ୍କ ଭାଉଜ ସୁପ୍ରଭା ୨୦୦୨ ଓ ୨୦୧୭ରେ ଏହି ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇସାରିଛନ୍ତି। ସେହିପରି ସରୋଜଙ୍କ ବଡ଼ଭାଇ ସ୍ୱର୍ଗତ କୃଷ୍ଣମୋହନ କମ୍ପ ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ।

## କ୍ରୀଡ଼ା ସଙ୍ଗଠକ ସୁମନ୍ତ ଭୋଇଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୩୧।୧** ବଲାଙ୍ଗୀରର ବିଶିଷ୍ଟ କ୍ରୀଡା ସଙ୍ଗଠକ ସୁମନ୍ତ ଭୋଇ (୫୮)ଙ୍କ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବଲାଙ୍ଗୀର ସହରର ବହୁ କ୍ରୀଡା ସଙ୍ଗଠନ ସହ ସେ ଜଡିତ ରହିଥିଲେ। ରୁଗୁଡିପଡା ନବକିଶୋର କ୍ରିକେଟ୍ କ୍ଲବ୍‌ର ମ୍ୟାନେଜର ଦାୟିତ୍ୱରେ ସେ ଦୀର୍ଘବର୍ଷ ଦାୟିତ୍ୱରେ ରହିଥିଲେ। ତାଙ୍କ ନେତୃତ୍ୱ ସମୟରେ ନବକିଶୋର କ୍ରିକେଟ୍ କ୍ଲବ୍ ଓଡିଶାର ଅନ୍ୟତମ ଅଗ୍ରଣୀ କ୍ରିକେଟ୍ କ୍ଲବ୍ ଭାବେ ସୁନାମ ଅର୍ଜନ କରିଥିଲା। ଉଦୟୀମାନ ନୂଆ କ୍ରୀଡା ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କ କ୍ରୀଡା ଦକ୍ଷତା ବୃଦ୍ଧି ଦିଗରେ ସେ ନିରନ୍ତର ଉଦ୍ୟମ କରିଆସିଥିଲେ। ଘରୋଇ ବସ୍ ମାଲିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଭାବେ ସେ କାର୍ଯ୍ୟ କରିଥିଲେ। ତାଙ୍କର ସ୍ତ୍ରୀ ବୀଣା ଓ ପୁତ୍ର ସାର୍ଥକ ଅଛନ୍ତି। ସୋମବାର ପୂର୍ବାହ୍ନରେ ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁଅ ସାର୍ଥକ ମୁଖାଗ୍ନି ଦେଇଥିଲେ। କ୍ରୀଡା ସଙ୍ଗଠକ ହରିନାରାୟଣ ପୂଜାରୀ, ଅରୁଣ ନାଏକ, ଶଶିଶେଖର ପଣ୍ଡା, ଚେତନାନନ୍ଦ ପଣ୍ଡା, ସମରେନ୍ଦ୍ର ମିଶ୍ର, ମିତୁଆ ମହାନ୍ତି, ହେମନ୍ତ ପଣ୍ଡା, ମନୀଷ ମିଶ୍ର, ଓମପ୍ରକାଶ ଚାନ୍ଦ, ଡା. ବେଣୁଧର ପାଣ୍ଡେ, ପୁଷ୍ପକୁମାର ମିଶ୍ର, ମନୋରଞ୍ଜନ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ନରସିଂହ ମିଶ୍ର ତାଙ୍କ ଘରକୁ ଆସି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।



ସୁମନ୍ତ ଭୋଇଙ୍କ ଫାଇଲ ଫଟୋ

## ଭୋଟ ବର୍ଜନ କରିବାକୁ ଶପଥ



ତୁନଗାଁ ଗ୍ରାମବାସୀ ଭୋଟ ବର୍ଜନ ଲାଗି ଶପଥ ନେଉଛନ୍ତି।

**ପଞ୍ଚାୟତ ବିବାଦକୁ ନେଇ ତୁନଗାଁ ଭୋଟର ଅସନ୍ତୋଷ**

**କୋକସରା, ୩୧।୧(ଡି.ଏନ.ଏ.)** କୋକସରା ବ୍ଲକ କନ୍ଦାବୁଟ୍ରା ପଞ୍ଚାୟତର ଦୁଇ ଗାଁ କନ୍ଦାବୁଟ୍ରା ଓ ତୁନଗାଁ ଗ୍ରାମବାସୀଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ତୁନଗାଁରେ ସ୍ଥାପନ ପାଇଁ। ହେଲେ ଚୁକ୍ତିକୁ ଅଣଦେଖା କରି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କନ୍ଦାବୁଟ୍ରାରେ ନିର୍ମାଣକୁ ବିରୋଧ କରି ଆସୁଛନ୍ତି ତୁନଗାଁର ୫ ୱାର୍ଡ ବାସିନ୍ଦା। ତୁନଗାଁର ଜନସାଧାରଣ ଅନେକ ସମୟରେ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ, ସ୍ଥାନୀୟ ନେତା ମନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଛନ୍ତି ହେଲେ ୫ ବର୍ଷ ପରେ ମଧ କୌଣସି ନ୍ୟାୟ ପାଇଲେ ନାହିଁ ଗ୍ରାମବାସୀ। ମାମଲା କୋର୍ଟ ପର୍ଯ୍ୟନ୍ତ ମଧ ପହଞ୍ଚିଛି। ମାମଲା ବିଚାରାଧୀନ ରହିଥିବା ନେଇ ବ୍ଲକ ପ୍ରଶାସନ, ଅଧିକାରୀ କହୁଥିବା ବେଳେ ପୁଣି ଏବେ ଆସିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ନିଜର ହକ ଓ ଦାବିକୁ ପ୍ରଶାସନ ଓ ନେତା ମନ୍ତ୍ରୀଙ୍କ ଠାରେ ଜଣାଇବାର ସୁଯୋଗ ମିଳିଛି। ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ପ୍ରତିବାଦରେ ଚଳିତ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ ଶପଥ ନେଇଛନ୍ତି ତୁନଗାଁ ଭୋଟର ଓ ବାସିନ୍ଦା। ଚଳିତ ପଞ୍ଚାୟତ ନିର୍ବାଚନରେ ଏହି ତୁନଗାଁ ଗ୍ରାମରୁ ୫ ୱାର୍ଡରୁ କୌଣସି ପ୍ରାର୍ଥୀ ନାମାଙ୍କନ କରିନାହାନ୍ତି କିମ୍ବା କୌଣସି ଦଳୀୟ ପ୍ରାର୍ଥୀ କିମ୍ବା ସରପଞ୍ଚ, ସମିତି ସଭ୍ୟଙ୍କୁ ଗାଁକୁ ଭୋଟ ପ୍ରଚାର ପାଇଁ ପ୍ରବେଶ କରିବାକୁ ଦେବେ ନାହିଁ ଗ୍ରାମବାସୀ କହିଛନ୍ତି। କାଶିବାହାଲ ପଞ୍ଚାୟତରୁ ୨୦୧୫ରେ ଅଲଗା ହୋଇ ଏକ ସ୍ୱତନ୍ତ୍ର ପଞ୍ଚାୟତର ମାନ୍ୟତା ପାଇଲା କନ୍ଦାବୁଟ୍ରା ପଞ୍ଚାୟତ। ୧୧ ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତର ତୁନଗାଁରେ ରହିଛି ୫ ୱାର୍ଡ। ଏହି ୫ ୱାର୍ଡରେ ୧୧୨୮ଭୋଟର ରହିଛନ୍ତି। ଯଦି ପ୍ରଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ସ୍ଥାନାନ୍ତରିତ ନେଇ କୌଣସି ନିର୍ଭର ପ୍ରତିଶ୍ରୁତି ନ ଦିଅନ୍ତି ତା ହେଲେ ସେମାନେ ପଞ୍ଚାୟତ ଭୋଟ ବର୍ଜନ କରିବେ ବୋଲି ଦୃଢ଼ ଶପଥ ନେଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ କନ୍ଦାବୁଟ୍ରା ପଞ୍ଚାୟତରୁ ସମିତିରେ ୨ଜଣ ଓ ସରପଞ୍ଚ ଲାଗି ୭ଜଣ ପ୍ରାର୍ଥୀ ହୋଇଛନ୍ତି। ତେବେ କୌଣସି ପ୍ରାର୍ଥୀଙ୍କୁ ଗ୍ରାମବାସୀ ସମର୍ଥନ କରିବେ ନାହିଁ କି ଭୋଟ ଦେବେ ନାହିଁ ବୋଲି ଭଗବାନ ପଟେଲ, ପ୍ରେମଲାଲ ଶବର, କୈଳାଶ ନାଏକ, ହର ପ୍ରସାଦ ପୂଝାରି, ଖଗେଶ୍ୱର ସୁନାନୀ, ପିତାମ୍ବର ପଟେଲ, ତୁଳାରାମ ପଟେଲ, ଭୁବନେଶ୍ୱର ଶବର, ଅଭି ନାଏକ, ଚିତ୍ରସେନ ପଟେଲ, ରଏନୁ ପାଣିଗ୍ରାହୀ, ପରାସର ବେମାଲ, ଇନ୍ଦୁ ପଟେଲ, ମାଳତୀ ପଟେଲ, ଜୟମ ନି ପୁଝାରି, ଚୌବନି ପଟେଲ ସମେତ ଶତାଧିକ ଗ୍ରାମବାସୀ କହିଛନ୍ତି। ସେମାନେ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି।

## ନରସିଂହ ପ୍ରସାଦ ଗୁରୁଙ୍କୁ ଅଭିନନ୍ଦନ ଜଣାଇଲେ ବିଧାୟକ

**ବଲାଙ୍ଗୀର ଅଫିସ, ୩୧।୧** ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ବିଶିଷ୍ଟ ସାହିତ୍ୟିକ ଏବଂ ଗବେଷକ ନରସିଂହ ପ୍ରସାଦ ଗୁରୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ରାମ୍‌ଜୀପଡ଼ାସ୍ଥିତ ବାସଭବନକୁ ଯାଇ ବିଧାୟକ ମିଶ୍ର ସୌଜନ୍ୟମୂଳକ ସାକ୍ଷାତ୍ କରି ଗୁରୁଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପାୟନ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଧାୟକ ମିଶ୍ର ପଦ୍ମଶ୍ରୀ ମନୋନୀତ ଗୁରୁଙ୍କ ସହ ବେଶ୍ କିଛି ସମୟ ଆଲୋଚନା କରିଥିଲେ। ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଗୁରୁଙ୍କ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସାଧନା ଓ ଗବେଷଣାକୁ ବିଧାୟକ ମିଶ୍ର ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କ ଲିଖିତ ଅନେକ ପୁସ୍ତକ, କବିତା ବିଶେଷକରି କୋଶଲି-ଓଡ଼ିଆ ଅଭିଧାନ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ଅବସରରେ ଗୁରୁ ବିଧାୟକ ମିଶ୍ରଙ୍କୁ ତାଙ୍କ ରଚିତ ଦୁଇଟି ପୁସ୍ତକ ଉପହାର ଦେଇଥିଲେ। ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ଦିଗରେ ଆହୁରି ଅନେକ କିଛି କାମ କରିବାକୁ ବାକି ରହିଛି ଓ ଏ ଦିଗରେ ଗୁରୁଙ୍କ ମାର୍ଗଦର୍ଶନ ବେଶ୍ ଉପାଦେୟ ହେବ ବୋଲି ବିଧାୟକ ମିଶ୍ର କହିଥିଲେ।



ନରସିଂହ ଗୁରୁଙ୍କୁ ବିଧାୟକ ନରସିଂହ ମିଶ୍ର ଅଭିନନ୍ଦନ ଜଣାଉଛନ୍ତି।

## ୫୯୪ ଲିଟର ମଦ ଜବତ,୧୦ ଗିରଫ

**ଭବାନୀପାଟଣା,୩୧।୧(ସ୍ୱ.ପ୍ର.)** ପଞ୍ଚାୟତ ନିର୍ବାଚନକୁ ଆଖି ଆଖରେ ରଖି ଚୋରାମଦ କାରାବାରକୁ ବନ୍ଦ କରିବା ପାଇଁ ଅଣ୍ଟାଭିଡିଛି କଳାହାଣ୍ଡି ଜିଲା ଅବକାରୀ ବିଭାଗ। ଏହି ପରିପ୍ରେକ୍ଷିରେ ସୋମବାର ଜିଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ଜୁନାଗଡ, ଧର୍ମଗଡ, ଜୟପାଟଣା, ଭବାନୀପାଟଣା, କେଗାଁ, କେସିଙ୍ଗା, ନର୍ଲା ଓ ଏମ୍‌ରାମପୁର ଆଦି ୮ଟି ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ୮୫ଲିଟର ଚୋରାମଦ, ୨୯.୪୦୦ଲିଟର ଭାଟିମଦ ଓ ୪୮୦ଲିଟର ମହୁଲ ପୋଚ ମଦ ଜବତ କରାଯାଇଛି। ଏଥିସହ ଏହି ଘଟଣାରେ ୧୨ଟି ମାମଲା ରୁଜୁ କରାଯାଇ ୧୦ଜଣଙ୍କୁ ଗିରଫ କରାଯାଇଛି।

## ଜମିଲା ପ୍ରଚାର, ବଢ଼ିଲା ରାଜନୈତିକ ଉଷ୍ମତା

**ସରପଞ୍ଚ ପଦ ପାଇଁ ଲଢୁଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ**

**ଲୋଇସିଂହା,୩୧।୧(ଡି.ଏନ.ଏ.)** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। ଚଳିତ ଥର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି। ଏପରିସ୍ଥଳେ ଏଥର ଚର୍ଚ୍ଚାରେ ରହିଛି ହୀରାପୁର, ବୁର୍ଡା, ଲୋଇସିଂହା, ବୁଢୀପଦର ଓ ବାଦିବାହାଲ ପଞ୍ଚାୟତରେ ନିର୍ବାଚନ। ହୀରାପୁର ପଞ୍ଚାୟତରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ଏବଂ ଜିଲା ଯୁବ ବିଜେଡି ଉପସଭାପତି ନୀତେଶ ଅଗ୍ରୱାଲ ସମିତି ସଭ୍ୟ ପ୍ରାର୍ଥୀ ପାଇଁ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ମଇଦାନରେ ତୃତୀୟ ସମିତି ସଭ୍ୟ ପ୍ରାର୍ଥୀଭାବେ ଶାନ୍ତନୁ ଭୋଇ ରହିଛନ୍ତି। ସେହିପରି ଉକ୍ତ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ରମାକାନ୍ତ ବିଶ୍ୱାଳ, ପୁରନ ଭୋଇ ଓ ରାଜ ସ୍ୱାଇଁଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ଗୁରୁତ୍ୱପୂର୍ଣ୍ଣ ଲୋଇସିଂହା ପଞ୍ଚାୟତ ଏଥର ଚର୍ଚ୍ଚାକୁ ଆସିଛି। ୨୦୧୯ ବିଧାନ ସଭା ନିର୍ବାଚନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ନବକିଶୋର ନାଏକ ଏହି ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି। କେତେକ ନବାଗତଙ୍କ ସହ ତାଙ୍କୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡୁଛି। ମହିଳାଙ୍କ ପାଇଁ ସଂରକ୍ଷିତ ବୁଢୀପଦର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ପଧାନ ପୁଣି ଥରେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଅନ୍ୟ ଜଣେ ପ୍ରାର୍ଥୀଙ୍କ ସହ ତାଙ୍କର ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବାଦିବାହଲ ପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି ଇଞ୍ଜିନିୟରିଂ ଛାତ୍ର ସୁନୀଲ ଦାସ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକମାନେ କିପରି ବିନାଦ୍ୱିଧାରେ ପାଇ ପାରିବେ ସେ ତାହାର ମାଧ୍ୟମ ହେବେ ବୋଲି ସୁନୀଲ ଭୋଟରଙ୍କୁ ପ୍ରଚାର ବେଳେ କହୁଥିବା ଦେଖିବାକୁ ମିଳୁଛି। ତାଙ୍କ ସହ ଅଗଲାପାଲି ଗାଁର ପ୍ରଶାନ୍ତ ତ୍ରିପାଠୀଙ୍କର ମୁକାବିଲ ହେଉଛି। ସବୁଠାରୁ ରୋଚକ ସ୍ଥିତି ବୁର୍ଡା ପଞ୍ଚାୟତର ସରପଞ୍ଚ ପଦ ପାଇଁ ଲଢେଇରେ ଦେଖିବାକୁ ମିଳୁଛି। ଏଠାରୁ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ରେବତୀକାନ୍ତ ସାହୁ, ଯୁବ ବ୍ୟବସାୟୀ ସୁଦୀପ କୁମାର ସା, କଣ୍ଠଶିଳ୍ପୀ ଗୋପାଳ କଲେତ ଏବଂ ମୁରଲୀ ସାହୁଙ୍କ ପରି ୪ ଜଣ ପ୍ରାର୍ଥୀ ରହିଛନ୍ତି। ପ୍ରାର୍ଥୀମାନେ ନିଜ କ୍ଷେତରେ ପ୍ରତିଷ୍ଠିତ ହୋଇଥିବାରୁ ଭୋଟର କାହାକୁ ଆଶୀର୍ବାଦ କରିବେ ତାହା ମତଗଣନା ପରେ ଜଣା ପଡିବ। ସର୍ବୋପରି ଚଳିତ ଥର ପ୍ରାର୍ଥୀମାନେ ସମାଜିକ, ଅର୍ଥନୈତିକ ଓ ଶିକ୍ଷାଗତ ପରିବର୍ତ୍ତନ ସାଙ୍ଗକୁ ଗାଁର ଉନ୍ନତିର ପ୍ରତିଶ୍ରୁତି ଦେଇ ଭୋଟରଙ୍କ ଆସ୍ଥାଭାଜନ ହେବାକୁ ଉଦ୍ୟମ କରୁଥିବା ପରିଲକ୍ଷିତ ହେଉଛି।

## ପିକ୍‌ଅପ୍‌-ବାଇକ୍‌ ଧକ୍କା: ବାଇକ ଚାଳକ ମୃତ

ଲହୁଣୀପଡ଼ା, (ଡି.ଏନ.ଏ): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅଧୀନ ୧୪୩ ନଂ. ଜାତୀୟ ରାଜପଥର ଗୋପାଳପୁର ନିକଟରେ ସୋମବାର ଏକ ପିକଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲହୁଣୀପଡ଼ା ଥାନା ଅଧୀନ ଟକରା ଗ୍ରାମର ନିତେଶ କୁମାର ଭୂମିଜ(୨୯)। ଖବର ପାଇ ଚାନ୍ଦିପୋଷ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଛି।ସୂଚନା ଅନୁସାରେ, ଟକରା ଗ୍ରାମର ନିତେଶ ଏକ ବାଇକ୍ (ନଂ.ଓଡ଼ି୧୪ଭି/୦୪୯୮) ଯୋଗେ ନିଜ ଘରୁ ରାଉରକେଲା ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହିତ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### କୋଏଲ ନଦୀରେ ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

ରାଉରକେଲା ଅଫିସ, ୩୧।୧ : ରାଉରକେଲା ସହର ଉପକଣ୍ଠ ସେକ୍ଟର-୧୩ ଲୁଆକେରା ନିକଟ କୋଏଲ ନଦୀରେ ଗାଧୋଇବା ବେଳେ ନିଖୋଜ ହୋଇଥିବା ନାବାଳକ ସୁଜଲ ଜେନା(୧୭)ଙ୍କ ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ସକାଳେ ଅଗ୍ନିଶମ ବାହିନୀ କୋଏଲନଗର ବ୍ରିଜ୍ ନଂ-୧୧ ପ୍ରଧାନପାଲୀରୁ ନିଖୋଜ ନାବାଳକଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ଛେଣ୍ଡ୍ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଶନିବାର ସୁଜଲ ଅନ୍ୟ ସାଙ୍ଗମାନଙ୍କ ସହ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଇବା ବେଳେ ସୁଜଲ ଓ ତାଙ୍କର ଜଣେ ସାଙ୍ଗ ପ୍ରଖର ଜଳସ୍ରୋତରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଅନ୍ୟ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସୁଜଲ ନିଖୋଜ ହୋଇଯାଇଥିଲେ। ସେକ୍ଟର-୧୫ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଖୋଜ ନାବାଳକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ରାତି ହୋଇଯିବାରୁ ରବିବାର ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ନାବାଳକଙ୍କ ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ବେଳେ ପ୍ରଧାନପାଲୀ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ୩୫ ଜିଲା ପରିଷଦ ଆସନରେ ୧୬୦ ପ୍ରାର୍ଥୀ

ସୁନ୍ଦରଗଡ,୩୧।୧(ଡି.ଏନ୍.ଏ)

ଆଦିବାସୀବହୁଳ ସୁନ୍ଦରଗଡ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଓ ଜିଲା ପରିଷଦ ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଓ କୋଭିଡ୍ କଟକଣାକୁ ପାଳନ କରି ଭୋଟରଙ୍କ ନିକଟତର ହୋଇ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ଫଳରେ ଧୀରେ ଧୀରେ ଗାଁ ରାଜନୀତି ସରଗରମ ହେବାରେ ଲାଗିଛି। ଭୋଟରମାନେ ମଧ୍ୟ ଗାଁର ବିକାଶ ଠାରୁ ଆରମ୍ଭ କରି ପକ୍କାଘର, ବାର୍ଦ୍ଧକ୍ୟ ଭତ୍ତା ଆଦି ପ୍ରସଙ୍ଗରେ ପ୍ରାର୍ଥୀଙ୍କୁ ପ୍ରଶ୍ନ କରି ନୟାନ୍ତ କରୁଥିବା ଦେଖିବାକୁ ମିଳୁଛି। ଗାଁଗୁଡିକରେ ପ୍ରାର୍ଥୀମାନଙ୍କ ପୋଷ୍ଟର ବ୍ୟାନର ଆଦି ଦେଖିବାକୁ ମିଳୁଥିବା ବେଳେ ଚଳିତ ନିର୍ବାଚନରେ ବିଶେଷ କରି ଜିଲା ପରିଷଦ ପ୍ରାର୍ଥୀମାନେ ସୋସିଆଲ ମିଡିଆ ଜରିଆରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଅନ୍ୟପଟେ ଦଳୀୟ ଚିହ୍ନରେ ଭୋଟ ହେଉଥିବା ଜିଲା ପରିଷଦ ପ୍ରାର୍ଥୀମାନଙ୍କୁ ଜିତାଇ କିଭଳି ଜିଲା ପରିଷଦ ଗଠନ କରିବେ ସେ ନେଇ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳ ସେମାନଙ୍କ ରଣକୌଶଳ ଆରମ୍ଭ କରିଦେଇଛନ୍ତି।

ସୁନ୍ଦରଗଡ ଜିଲାରେ ଥିବା ୩୫ଟି ଜିଲା ପରିଷଦ ଆସନରେ ମୋଟ ୧୬୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ସମସ୍ତ ଜିଲା ପରିଷଦ ଆସନରେ ଶାସକ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପ୍ରାର୍ଥୀ ଦେଇଛନ୍ତି। ସେହିପରି ବିଏସ୍‌ପି ୨ଟି, ସିପିଆଇ ୩ଟି, ସିପିଆଇ(ଏମ୍)୧୬ଟି ଆସନରେ ପ୍ରାର୍ଥୀ ଦେଇଛି। ୧୨ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଅନ୍ୟାନ୍ୟ ଦଳର ୨୨ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲାର ଲହୁଣୀପଡା, ବଡଗାଁ, ଲେଫ୍ରିପଡା ଓ କୋଇଡା ବ୍ଲକରୁ ଜଣେ ଲେଖାଏଁ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଲେଫ୍ରିପଡା, ବଡଗାଁ, ନୂଆଗାଁ ବ୍ଲକରୁ ଜଣେ ଲେଖାଏଁ ଏବଂ ଲହୁଣୀପଡା ବ୍ଲକରେ ୨ଜଣ ସମିତିସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ଉଲ୍ଲେଖନୀୟ, ଜିଲାର ମୋଟ ୧୭ଟି ବ୍ଲକର ୨୭୯ ଗ୍ରାମପଞ୍ଚାୟତ ଓ ୩୬୨୩ ୱାର୍ଡରେ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଫେବୃୟାରୀ ୧୬ରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ୫ଟି ପର୍ଯ୍ୟାୟରେ ମୋଟ ୧୦ଲକ୍ଷ ୮୪ ହଜାର ୭୦୨ଜଣ ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

**ସୁନ୍ଦରଗଡ ଜିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**



## କୁଆଁରମୁଣ୍ଡା ବ୍ଲକ: ବଢୁଛି ନିର୍ବାଚନୀ ତାତି

କୁଆଁରମୁଣ୍ଡା,୩୧।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରେ ମୋଟ ୧୦୮ ଜଣ ସରପଞ୍ଚ ଓ ୮୪ ଜଣ ସମିତି ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀମାନଙ୍କୁ ନିର୍ବାଚନୀ ଚିହ୍ନ ମିଳିବା ପରେ ସେମାନେ ଏବେ ନିଜ ନିଜ ପଞ୍ଚାୟତରେ ପ୍ରଚାର କାର୍ଯ୍ୟ ଚଳାଇଚନ୍ତି। ଫଳରେ ଗାଁ ଗାଁରେ ନିର୍ବାଚନ ତାତି ଜଣାପଡିଲାଣି। ପ୍ରାୟ ଅଧିକାଂଶ ପଞ୍ଚାୟତରେ ଗତଥର ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟମାନେ ଚଳିତ ନିର୍ବାଚନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥବବା ଦେଖିବାକୁ ମିଳିଛି। ଗତଥରର ପଞ୍ଚାୟତ ସମିତି ଅଧ୍ୟକ୍ଷା ଚଳିତ ନିର୍ବାଚନରେ ସମିତି ସଭ୍ୟା ଭାବେ ପ୍ରତାପପୁର ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କୁଆଁରମୁଣ୍ଡା ପଞ୍ଚାୟତ ସମିତିର ଅନ୍ୟ ଜଣେ ପୂର୍ବ ଅଧ୍ୟକ୍ଷା ଚଳିତ ଥର ଓଡିଶା–ଝାଡଖଣ୍ଡ ସୀମା ମଝାପଡ଼ା ପଞ୍ଚାୟତରୁ ସମିତି ସଭ୍ୟା ପ୍ରାର୍ଥୀ ଭାବେ ଲଢୁଛନ୍ତି। ବିଶେଷକରି କୁଆଁରମୁଣ୍ଡା ବ୍ଲକର ସଦର ପଞ୍ଚାୟତରେ ଗତଥରର ସମିତି ସଭ୍ୟ ଏଥର ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ସେ ବିଜେଡ଼ି ବ୍ଲକ ସଭାପତି ଥିବାରୁ ଏଠାରେ ରାଜନୈତିକ ଉଷ୍ମତା ବେଶ୍ ବଢିଯାଇଛି। ସେହିପରି ପଦମପୁର ପଞ୍ଚାୟତରେ ଗତଥର ସରପଞ୍ଚଙ୍କ ସ୍ୱାମୀ ଏଥର ସରପଞ୍ଚ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ଟକ୍କର ଦେବା ପାଇଁ ଜଣେ ପୂର୍ବତନ ସରପଞ୍ଚ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ସେହିପରି ଡୁମେରଯୋର ପଞ୍ଚାୟତର ସମିତି ସଭ୍ୟ ଆସନ ଚଳିତଥର ଅଣସଂରକ୍ଷିତ। ସେଠାରେ ସାଧାରଣବର୍ଗର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥିବାରୁ ନିର୍ବାଚନୀ ବାତାବରଣ ବେଶ୍ ସରଗରମ ରହିଛି । ଏପରିକି ସେଠାରେ ଉଚ୍ଚ ଶିକ୍ଷିତ, ଇଞ୍ଜିନିୟରିଂ ଛାତ୍ର ମଧ୍ୟ ପ୍ରାର୍ଥୀ ହୋଇ ଭୋଟରଙ୍କୁ ନିଜ ନିଜ ଆଡ଼କୁ ଆକୃଷ୍ଟ କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଂଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବୀରମିତ୍ରପୁର ଥାନା, କୁଆଁରମୁଣ୍ଡା ଫାଣ୍ଡି ଓ ରାଏବୋଗା ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ପଞ୍ଚାୟତ ବୁଲି ପରିସ୍ଥିତି ଉପରେ ନଜର ରଖିଛି ।

## ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

କୁତ୍ରା, ୩୧।୧(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ ଖତକୁରବାହାଲ ଗ୍ରାମରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏହି ସମୟରେ ଉକ୍ତ ମହିଳାଙ୍କ ସ୍ୱାମୀ ପହଞ୍ଚିଯିବାରୁ ତାଙ୍କୁ ନିସ୍ତୁକ ମାଡ ମରାଯାଇଥିବା ସୋମବାର କୁତ୍ରା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ସୋମବାର ପ୍ରାୟ ଅପରାହ୍ନ ୧୨ ଟାରେ ଖତକୁରବାହାଲ ମାଳିପଡାର ଉକ୍ତ ମହିଳାଙ୍କ ଘରକୁ କିଛି ଯୁବକ ଆସି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ଉକ୍ତ ମହିଳାଙ୍କ ସ୍ୱାମୀ ସେଠାରେ ପହଞ୍ଚିଯିବାରୁ ଯୁବକମାନେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆକ୍ରମଣରେ ମହିଳାଙ୍କ ସ୍ୱାମୀଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବିଜେଡିର ମିଶ୍ରଣ ପର୍ବ: ଭାଜପା ଓ କଂଗ୍ରେସ ନେତାଙ୍କ ଯୋଗଦାନ

ଦେବଗଡ଼,୩୧।୧(ଡି.ଏନ୍.ଏ.)

ଦେବଗଡ ପୌରାଞ୍ଚଳର ଲାଲୁସାହି ସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଦଳ ପକ୍ଷରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଭାଜପା ନେତା ତଥା ତାଳକୁଣ୍ଡି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ନାୟକ, ତାଙ୍କର ସ୍ତ୍ରୀ ତାଳକୁଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ପୂର୍ଣ୍ଣମାସୀ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ତୀର୍ଥବାସୀ ସାହୁ, ତାଳକୁଣ୍ଡି ଗ୍ରାମର ଉପେନ୍ଦ୍ର ସାହୁ, ଷ୍ଟାଲିନ ବେହେରା, ଅଜୟ କୁମାର ସାହୁ, ପ୍ରାଣବନ୍ଧୁ ପ୍ରଧାନ, ପରମେଶ୍ୱର ପ୍ରଧାନ, ତପନ ନାୟକ, ଡିଳେଶ୍ୱର ରଣା ଓ ଧରଣୀଧର ନାୟକଙ୍କ ସମେତ ଝରାଗୋଗୁଆ, ଗଣ୍ଡମ, ପାରପୋଶି, ଡିମିରିକୁଦା ଓ ଝାରମୁଣ୍ଡା ଆଦି ୫ଟି ପଞ୍ଚାୟତର ବହୁ ଯୁବ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଥିଲେ । ସେମାନଙ୍କୁ ରାଜ୍ୟ ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ, ତିଲେଇବଣି ବ୍ଲକର ପୂର୍ବତନ ଅଧକ୍ଷ ବିଭୂତି ଗଙ୍ଗଦେବ ଓ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷ୍ଟେଠ ପ୍ରମୁଖ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପମାଲ୍ୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ସୁଶାସନ ପ୍ରତି ଆକୃଷ୍ଟ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ। ସେହିପରି ବିଜେଡିରେ ସେମାନଙ୍କର ଯୋଗଦାନ ଦଳକୁ ଅଧିକ ସୁଦୃଢ କରିବ ବୋଲି ବିଜେଡି ନେତାମାନେ ପ୍ରକାଶ କରିଛନ୍ତି।

## ସୂର୍ଯ୍ୟ ନମସ୍କାର ଶିବିର ଉଦ୍‌ଯାପିତ

ରାଉରକେଲା ଅଫିସ,୩୧।୧: ପତଞ୍ଜଳି ଯୋଗ ସମିତି ପକ୍ଷରୁ ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟରରେ ସୋମବାର ସୂର୍ଯ୍ୟ ନମସ୍କାର ଶିବିର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ରାଜ୍ୟ ପତଞ୍ଜଳି ଯୋଗ ସମିତି ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାଥା ମୁଖ୍ୟଅତିଥି ଭାବେ ଯୋଗଦେଇ ସୂର୍ଯ୍ୟ ନମସ୍କାର ପ୍ରକ୍ରିୟାର ଲାଭ ଉପରେ ମତପ୍ରକାଶ କରିଥିଲେ। ଯୋଗକେନ୍ଦ୍ରର ମୁଖ୍ୟ ହେମନ୍ତ କୁମାର ଜେନା, ଶରତ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ ପ୍ରକ୍ରିୟା ପୂର୍ବରୁ ସୂର୍ଯ୍ୟ ବନ୍ଦନା ଗାନ ସହ ଶାନ୍ତିମନ୍ତ୍ର ପାଠ ହୋଇଥିଲା।


| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/୧୬ | ୭୭୬/ ୨୫୩୧ (ସ୍ମ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍ମ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/୮୭ | ୯୬୯ (ସ୍ମ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/୯୧ | ୬୭୪ (ସ୍ମ) | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାନ୍ଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/୧୦୦ | ୧୭୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/୧୦୭ | ୧୪୭୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./– ଭୂ–ଅର୍ଜନ ଜୋନ ଅଧିକାରୀ
ତାଳଚେର–ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./– ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122


## କାର୍ଯ୍ୟାନୁଷ୍ଠାନ ନ ନେଲେ ଏସ୍‌ପି ଅଫିସ ଘେରିବ ଭାଜପା

ରାଉରକେଲା ଅଫିସ,୩୧।୧

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଜିଲା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସଭାପତିତ୍ୱରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗତ ୨୪ ତାରିଖରେ ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ନେଇ ଜଣେ ଯୁବତୀଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ତଦନ୍ତ ନ କରି ଚୁପ୍ ହୋଇ ବସି ରହିଛି। ରାଉରକେଲା ଭାଜପା କାର୍ଯ୍ୟାଳୟରେ ପଶି ଏଭଳି ଭଙ୍ଗାରୁଜା କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଆଜିଯାଏ କାହିଁକି ଗିରଫ କରିନାହିଁ ବୋଲି ଦଳ ପ୍ରଶ୍ନ କରିଛି। ପୋଲିସ ଅଭିଯୁକ୍ତଙ୍କ ପ୍ରତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ଭାଜପା ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ସଭାନେତ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା କଳ୍ପନା ଲେଙ୍କା, ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ପୂର୍ଣ୍ଣିମା କେରକେଟ୍ଟା ଓ ମମତା ଗୌତମ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଭାଜପା କର୍ମକର୍ତ୍ତା।

## ଅନ୍‌ଲାଇନ ବହୁଭାଷୀ ଶିକ୍ଷଣ ତାଲିମ କାର୍ଯ୍ୟକ୍ରମ

ସୁନ୍ଦରଗଡ,୩୧।୧(ଡି.ଏନ.ଏ)

ଜାତୀୟ ଶିକ୍ଷା ନୀତି–୨୦୨୦ ପ୍ରସ୍ତାବନା ପ୍ରକାରେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ତଥା ସଂଖ୍ୟାଲଘୁ କଲ୍ୟାଣ ବିଭାଗ ପକ୍ଷରୁ ଜାନୁୟାରୀ ୧୨ରୁ ୩୦ତାରିଖ ପର୍ଯ୍ୟନ୍ତ ବିଭାଗର ୪୫୭୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନ୍‌ଲାଇନ ଶିକ୍ଷା ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ 'ସମ୍ମତି'ରେ ଏହି ଶିକ୍ଷକମାନଙ୍କୁ ସାମିଲ କରିବାକୁ ବିଭାଗ ସ୍ଥିର କରିଥିଲା। ଏହି ପରିପ୍ରେକ୍ଷୀରେ ନବମ ତଥା ଶେଷ ପର୍ଯ୍ୟାୟ ତାଲିମ ନିମନ୍ତେ ସୁନ୍ଦରଗଡ ଜିଲାକୁ ବଛାଯାଇଥିଲା। ଗତ ୨୫ରୁ ୩୦ ତାରିଖ ଯାଏ ସୁନ୍ଦରଗଡ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅନ୍‌ଲାଇନ ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମର ତାଲିମ ସୁନ୍ଦରଗଡ, ସମ୍ବଲପୁର ଓ ଝାରସୁଗୁଡା ଜିଲାର ୩୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ସାଧନ କର୍ମୀ ଭାବେ କୋରାପୁଟ ଜିଲା ମହାଦେଇପୁଟ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ରଥ, ଜିଲା ସାଧନ କର୍ମୀ ଭାବେ ସୁନ୍ଦରଗଡ ରାଉଳଡେଗା ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲ ଓ ଭାଲୁଲତା ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭିମା ଖେସ ଅନ୍‌ଲାଇନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଷଷ୍ଠ ଦିବସୀୟ ବହୁଭାଷୀ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଅଖିଳ ବିହାରୀ ଓତା ଯୋଗଦେଇ ଏହି ଅନ୍‌ଲାଇନ ପ୍ରଶିକ୍ଷଣ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ବିଭାଗର ଏହି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ 'ସମ୍ମତି' ନାମରେ ନାମିତ କରାଯାଇ ଗତ ୨୦୨୧ ନଭେମ୍ବର ୨୪ରେ ବିଭାଗୀୟ କମିଶନର ତଥା ଶାସନ ସଚିବ ରଞ୍ଜନା ଚୋପ୍ରା ଉଦ୍‌ଘାଟନ କରିଥିଲେ। ରାଜ୍ୟ ବହୁଭାଷୀ ଶିକ୍ଷା ସଂଯୋଜକ ଡକ୍ଟର ପରମାନନ୍ଦ ପଟେଲ ଏହି ଅନଲାଇନ ଶିକ୍ଷା ନିମନ୍ତେ ବୈଷୟିକ ସହଯୋଗ ପ୍ରଦାନ କରିଥିବା ବେଳେ ସୁନ୍ଦରଗଡ଼ ଜିଲା ମଙ୍ଗଳ ବିଭାଗର ଅମିତ ପ୍ରସାଦ ଶିବିର ପରିଚାଳନା କରିଥିଲେ।


# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂ. IX (D)-08/2021-201 ତା–26.03.2021

No.V–41:– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା– ରାମଚନ୍ଦ୍ରପୁର, ତହସିଲ– ଘସିପୁର, ଜିଲ୍ଲା– କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୪୩ ତା– ୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା**, ଥାନା– ରାମଚନ୍ଦ୍ରପୁର, ଜିଲ୍ଲା– କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା– କେନ୍ଦୁଝର ତହସିଲ– ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା– କେନ୍ଦୁଝର ତହସିଲ– ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୮।୦୧।୨୦୧୯ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ– ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ
ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅର୍ଜନ ମାମଲା ସଂ:- ୦୧/୨୦୧୮

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି– ଶଙ୍କର ଯେନା, ବା– ନିଜଗାଁ, ଜା– ପାଣ | ୧୦୯୨ | ଶାରଦ–୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି– ଦୁଖୀ ପାଗଳ, ବା– ନିଜଗାଁ, ଜା– ତନ୍ତି | ୧୦୯୩/ ୧୬୬୩ | ବାଜେଫସଲ– ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122 ସ୍ୱା./- ଭୂ-ଅଜର୍ନ ଅଧିକାରୀ, କେନ୍ଦୁଝର


## ଶାଗୁଆନପଟା ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୩୧।୧

ଝାରସୁଗୁଡା ଟାଉନ ଥାନା ପୁରୁଣାବସ୍ତିର ଏକ ଘର ଉପରେ ଚଢାଉକରି ବନ ବିଭାଗ ୫୪ଖଣ୍ଡ ଶାଗୁଆନ କାଠପଟ୍ଟା ଜବତ କରିବା ସହ ଘର ମାଲିକଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜିତେନ୍ଦ୍ର ମେହେର। ଜବତ କାଠପଟ୍ଟାର ମୂଲ୍ୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏ ନେଇ ବନବିଭାଗ ଝାରସୁଗୁଡା ରେଞ୍ଜ କେସ ନଂ.ଓଆର୍‌୮ ୧/୨୦୨୧–୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘର ଜିତେନ୍ଦ୍ରଙ୍କ ଘରେ ବେଆଇନ କାଠପଟ୍ଟା ରହିଥିବା ବିଶେଷ ସୂତ୍ରରୁ ପୋଲିସ୍ ଖବର ପାଇଥିଲା। ଏ ସମ୍ପର୍କରେ ପୋଲିସ୍ ବନ ବିଭାଗକୁ ଜଣାଇଥିଲା।



ଜବତ କାଠପଟା।

## ବିଦେଶୀ ମଦ, ଅଟୋ ଜବତ

ଲହୁଣୀପଡ଼ା,୩୧।୧(ଡି.ଏନ.ଏ)

ଏକ ଯାତ୍ରୀବାହୀ ଅଟୋରେ ବିଦେଶୀ ମଦ ଚୋରାଚାଲାଣ ହେଉଥିବା ବେଳେ ଚାନ୍ଦିପୋଷ ପୋଲିସ ସୋମବାର ଚଢାଉ କରି ମଦ ଭର୍ତ୍ତି ଅଟୋକୁ ଜବତ କରିଛି। ଅଟୋ ଚାଳକ ଫେରାର ଅଛନ୍ତି। ସୂଚନା ଅନୁସାରେ, ଏକ ଯାତ୍ରୀବାହୀ ଅଟୋ (ନଂ.ଓଡ଼ି୧୪ଏଚ୍/୯୬୧୯)ରେ ବିଦେଶୀ ମଦ ଭର୍ତ୍ତି ହୋଇ ରାଉରକେଲାରୁ ଲହୁଣୀପଡ଼ା ପଯକୁ ଯାଉଥିଲା। ସୂଚନା ପାଇ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲେ। ଏହି ଖବର ଜାଣିପାରି ଅଟୋ ଚାଳକ ଯୋଡ଼ାବନ୍ଧ ନିକଟସ୍ଥ ରାସ୍ତା କଡରେ ଅଟୋକୁ ଛାଡି ଫେରାର ହୋଇଯାଇଥିଲେ।

## ପ୍ରାର୍ଥୀ ନ ଥିବା ୫ ପଞ୍ଚାୟତ ପାଇଁ ନାମାଙ୍କନପତ୍ର ଦାଖଲ

ଦେବଗଡ଼,୩୧।୧(ଡି.ଏନ୍.ଏ.)

ପ୍ରାର୍ଥୀ ନ ଥିବା ଆସନ ପାଇଁ ଗତ ୨୯ରୁ ଆରମ୍ଭ ହୋଇଥିବା ସାନି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟାର ଅନ୍ତିମ ଦିବସରେ 'ନେଟୱର୍କ ନାହିଁ ତ ଭୋଟ ନାହିଁ' ଜିଦରେ ନାମାଙ୍କନପତ୍ର ଦାଖଲ କରି ନ ଥିବା ଝରାଗୋଗୁଆ, ଡିମିରିକୁଦା, ପାରପୋଶି, ଗଣ୍ଡମ ଓ ଝାରମୁଣ୍ଡା ଆଦି ୫ଟି ଯାକ ପଞ୍ଚାୟତର ସମିତି ସଦସ୍ୟ ଏବଂ ସରପଞ୍ଚ ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ କରାଯାଇଛି। ସୋମବାର ଝରାଗୋଗୁଆ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଆସନ ନିମନ୍ତେ ୫ ଜଣ ଓ ସରପଞ୍ଚ ଆସନ ନିମନ୍ତେ ଜଣେ, ପାରପୋଷି ପଞ୍ଚାୟତର ସମିତି ସଦସ୍ୟ ଆସନ ନିମନ୍ତେ ୩ ଜଣ ଓ ସରପଞ୍ଚ ଆସନ ନିମନ୍ତେ ଜଣେ, ଗଣ୍ଡମ ପଞ୍ଚାୟତର ସମିତି ସଦସ୍ୟ ଆସନ ନିମନ୍ତେ ୪ ଜଣ ଓ ସରପଞ୍ଚ ଆସନ ନିମନ୍ତେ ୪ ଜଣ ,ଝାରମୁଣ୍ଡା ପଞ୍ଚାୟତର ସମିତି ସଦସ୍ୟ ଆସନ ନିମନ୍ତେ ୪ ଜଣ ଓ ସରପଞ୍ଚ ଆସନ ନିମନ୍ତେ ଜଣେ ଏବଂ ଡିମିରିକୁଦା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଆସନ ନିମନ୍ତେ ୨ ଜଣ ଓ ସରପଞ୍ଚ ଆସନ ନିମନ୍ତେ ୫ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ଏନେଇ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଆନୁଷ୍ଠାନିକ ଭାବେ ସୂଚନା ଦେଇଛନ୍ତି। ଉପରୋକ୍ତ ୫ଟି ଯାକ ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ହୋଇଥିବାରୁ ଦୀର୍ଘଦିନ ହେଲା ଲାଗିରହିଥିବା ଅନିଶ୍ଚିତତା ଆପାତତଃ ଦୂର ହୋଇଛି।

## କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ମୃତଦେହକୁ ସତ୍କାର କଲେ ସ୍ୱେଚ୍ଛାସେବୀ

ଦେବଗଡ଼,୩୧।୧(ଡି.ଏନ୍.ଏ.)

ଦେବଗଡ ନିଳବେର୍ଣ୍ଣୀ ସାହି ସ୍ଥିତ କୁଷ୍ଠାଶ୍ରମର ଜଣେ ଅନ୍ତେବାସୀନୀଙ୍କର ମୃତ୍ୟୁ ଘଟିଥିବାବେଳେ ବିନା ଦ୍ୱିଧାରେ ତାଙ୍କର ଅନ୍ତିମ ସତ୍କାର କରିଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ। ସ୍ୱେଚ୍ଛାସେବୀମାନଙ୍କର ଏଭଳି କାର୍ଯ୍ୟକୁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ନିଳବେର୍ଣ୍ଣୀସାହି ସ୍ଥିତ କୁଷ୍ଠାଶ୍ରମରେ ରହୁଥିବା ୩ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ କୈଳାସ ଦେବୀ ନାମ୍ନୀ ଜଣେ ଅନ୍ତେବାସୀନୀଙ୍କର ସୋମବାର ସକାଳ ପ୍ରାୟ ୭ଟାରେ ମୃତ୍ୟୁ ଘଟିଥିଲା। ମାତ୍ର କୁଷ୍ଠ ଆକ୍ରାନ୍ତମାନଙ୍କୁ ଲୋକେ ସାଧାରଣତଃ ଘୃଣା ଚକ୍ଷୁରେ ଦେଖୁଥିବାରୁ ତାଙ୍କର ଅନ୍ତିମ ସଂସ୍କାର ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ଏ ସମ୍ପର୍କରେ ସୂଚନା ପାଇବା କ୍ଷଣି ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରଜିତ କୁମାର ଭୋଜ ଓ ଅନ୍ୟମାନେ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ଅନୁରୋଧ କରିଥିଲେ । ସୂଚନା ପାଇ ପୌର ପରିଷଦର ସଫେଇ କର୍ମଚାରୀ ସୁରେଶ ମୁଖି, ସନ୍ତୋଷ ସୁନା, ପ୍ରଶାନ୍ତ ମୁଖି ଓ ରାଜକିଶୋର ମୁଖି ଅବିଳମ୍ବେ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ସହାୟତାରେ ସ୍ୱେଚ୍ଛାସେବୀ ପ୍ରଜିତ କୁମାର ଭୋଜ, ଶିବ କୁମାର ନାଏକ, ପ୍ରଶାନ୍ତ ଦେବତା ଓ ଶିବାଜୀ ଭୋଜ ପ୍ରମୁଖ ମୃତଦେହକୁ କାନ୍ଧରେ ଉଠାଇ ଏକ ଖୋଲା ପଡିଆକୁ ନେବା ସହ ସେଠାରେ ପୋତି ଅନ୍ତିମ ସତ୍କାର କରିଥିଲେ। ସ୍ୱେଚ୍ଛାସେବୀ ଓ ପୌର ପରିଷଦ ସଫେଇ କର୍ମଚାରୀମାନଙ୍କର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



ଅନ୍ତିମ ସତ୍କାରରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ଓ ପୌର ପରିଷଦ ସଫେଇ କର୍ମଚାରୀ।

## ଗାଡ଼ି ସହ ୫୮ କେଜି ଗଞ୍ଜେଇ ଜବତ

**ଉଲୁଣ୍ଡା, (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଝାରବାହାଲି ପୁରୁଣା ରାସ୍ତାରୁ ଟାଟାଏସିନ୍ଇ ସହ ୫୮କେଜି ଗଞ୍ଜେଇ ଜବତ କରିଛି ପୋଲିସ। ରବିବାରି ବିଳମ୍ବିତ ରାତିରେ ସୋନପୁର ପଟରୁ ଟାଟାଏସିଇ ଓଡି-୧୫କ୍ୟୁ ୫୭୪୫ ଯୋଗେ ଗଞ୍ଜେଇ ସମ୍ବଲପୁର ଯାଉଥିଲା। ଉଲୁଣ୍ଡା ପୁଲିସ ଥାନା ସମ୍ମୁଖରେ ଗାଡିକୁ ଅଟକାଇବା ବେଳେ ଡ୍ରାଇଭର ଗାଡିକୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ପୋଲିସ ପିଛା କରିବାରୁ ଡ୍ରାଇଭର ଝାରବାହାଲି ପୁରୁଣା ରାସ୍ତାରେ ଗାଡିକୁ ଛାଡି ଦେଇ ପଳାଇ ଯାଇଥିଲେ।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- କୁସ୍ତି ପ୍ରଶିକ୍ଷଣ ଶିବିର, ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ଅପରାହ୍ନ ସାଢ଼େ ୪ଟା।

### ସଂକ୍ଷେପରେ

## କୋଇଲା ଟ୍ରକ୍ ଧକ୍କାରେ ଜଣେ ମୃତ

**ସୁନ୍ଦରଗଡ,୩୧।୧(ଡି.ଏନ୍.ଏ):** ସୁନ୍ଦରଗଡ ଜିଲା ହେମଗିର ଥାନା ଅଧୀନ କୁଲଡା-ଗର୍ଜନବାହାଲ ଏମ୍‌ସିଏଲ କୋଇଲା ଖଣି ରାସ୍ତାରେ ସୋମବାର ସକାଳେ ଏକ କୋଇଲା ଟ୍ରକ୍ ଧକ୍କାରେ ଖଣିରେ କାର୍ଯ୍ୟରତ ଏକ କମ୍ପାନୀର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ନାମ ଦିଲୀପ ତିଓାରୀ (୪୮) ଓ ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଧାନବାଦରେ ବୋଲି ଜଣାପଡିଛି। ହେମଗିର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି । ପ୍ରକାଶ ଯେ, କୋଇଲା ଖଣି ଭିତରେ କୋଇଲା ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ହିଲଟପ୍ କମ୍ପାନୀରେ କାର୍ଯ୍ୟରତ ଦିଲୀପ ତାଙ୍କର ଜଣେ ସହଯୋଗୀଙ୍କ ସହ ଚାଲି ଚାଲି ଆସୁଥିବା ବେଳେ ପଛପଟୁ ଟ୍ରକ୍‌ଟି ଧକ୍କା ଦେଇ ଫେରାର ହୋଇଯାଇଥିଲା।

## ଭାରତ ବିକାଶ ପରିଷଦର ଆଲୋଚନାଚକ୍ର

**ସମ୍ବଲପୁର,୩୧।୧(ବ୍ୟୁରୋ):** ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ନେଚରପାଥି ଓ ଜୀବନ ଶୈଳୀ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ବେଣୁମାଧବ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଜେ ଗିରିଜା ଦେବୀ ବନ୍ଦେ ମାତରଂ ଗାନ ଓ ଡା. ରଶ୍ମି ଜେନା ଅତିଥି ପରିଚୟ ଦେଇଥିଲେ। ଡା. ମିଲିନ୍ଦ ପରାଶର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୋଗ ଓ ନେଚର ପାଥି ମାଧମରେ ଦୈନନ୍ଦିନ ଜୀବନରେ ଦେଖାଦେଉଥିବା ସମସ୍ୟା ସମାଧାନ ହୋଇପାରିବ। ତେଣୁ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରୀ ବୋଲି କହିଥିଲେ। ଭର୍ଚୁଆଲ ଜରିଆରେ ଭାରତ ବିକାଶ ପରିଷଦ ରାଷ୍ଟ୍ରୀୟ ଓ ପ୍ରାନ୍ତିୟ ପଦାଧିକାରୀ ଯୋଗଦେଇଥିଲେ। ସମ୍ବଲପୁର ଶାଖା ସମ୍ପାଦକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଦୋକାନରୁ ଚୋରି: ୨ ଗିରଫ



**ଝାରସୁଗୁଡ଼ା ଅଫିସ,୩୧।୧:** ବ୍ରଜରାଜନଗର ଥାନା ରାଜପୁର ଓ ଚାରଭାଟି ଗ୍ରାମରେ ଥିବା ଦୋକାନ ତାଲାଭାଙ୍ଗି ଚୋରି କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମପୁର ବିନାସୀପଡାର ଦୁଇସାଙ୍ଗ ସାହିଲ ସୁନା(୧୯) ଓ ହରବିନ୍ଦର ସାହିସ(୧୯)। ଏମାନଙ୍କ ନିକଟରୁ ପୋଲିସ୍ ୬୦୫୦ଟଙ୍କା ସହ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିଛି । ଏ ନେଇ ଚାରଭାଟି ଗ୍ରାମର ଦୋକାନ ମାଲିକ ବେଲାଳସେନ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୯/୨୨) ରୁଜୁ କରିଛି । ସୂଚନାଯୋଗ୍ୟ ଗତ ଶୁକ୍ରବାର ଓ ଶନିବାର ରାତିରେ ଦୁର୍ବୃତ୍ତମାନେ ଔଷଧ ଦୋକାନ, ଜେନେରାଲ ଷ୍ଟୋର୍ ଆଦି ୩ ଦୋକାନରୁ ୧୭ହଜାର ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଏ ନେଇ ଦୋକାନ ମାଲିକମାନେ ପୋଲିସ୍‌ରେ ଅଭିଯୋଗ କରିଥିଲେ ।

## ବରିଷ୍ଠ ଶିକ୍ଷକଙ୍କ ପରଲୋକରେ ଶୋକ

**କୁତ୍ରା, ୩୧।୧(ଡି.ଏନ.ଏ):** ପୂର୍ବତନ ବରିଷ୍ଠ ଶିକ୍ଷକ ତଥା ଜୁନିୟର ରେଡକ୍ରସର ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ପଟେଲଙ୍କ ରବିବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଜିଲା ଓଷ୍ଟା ସଭାପତି ବିଭୀଷଣ ବାରିକ, ଜିଲା ଶାରୀରିକ ନିରୀକ୍ଷକ ବିଦ୍ୟାଧର ପ୍ରଧାନ, କିଶୋର ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ସନ୍ତୋଷ ନାୟକ, ସନ୍ତୋଷ ପଟେଲ, ବ୍ରଜେନ୍ଦ୍ର ଦାସ ପ୍ରମୁଖ ବହୁ ଶିକ୍ଷାବିତ୍ ଶୋକ ପ୍ରକାଶ କରିଛନ୍ତି। ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ, ଅଜୟ ପଟେଲ, ଟାଙ୍ଗରପାଲି ବିଇଓ ମହେନ୍ଦ୍ର ସୋନିଆଙ୍କ ସମେତ ବହୁ ବୁଦ୍ଧିଜୀବୀ, ଗ୍ରାମବାସୀ ଉପସ୍ଥିତ ରହି ତାଙ୍କ ମରଶରୀରର ଶେଷ ଦର୍ଶନ କରିଥିଲେ।

# ଖଣିକାର୍ଯ୍ୟ ବନ୍ଦ ପାଇଁ ଚେତାବନୀ

**ଝାରସୁଗୁଡ଼ା ଅଫିସ,୩୧।୧**

■ମହିଳା ସମିତିର ଜିଲାପାଳଙ୍କୁ ଦାବିପତ୍ର

■ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି କର୍ତ୍ତୃପକ୍ଷ: ଗ୍ରାମବାସୀ

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧିନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ସମ୍ପ୍ରସାରଣ ଦ୍ୱାରା ଯୋରାବଗା ଗ୍ରାମ ପ୍ରଭାବିତ ହେବାରେ ଲାଗିଛି। ଗ୍ରାମବାସୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦେବା ପାଇଁ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିରଗାର ହୋଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ସର୍ବସମ୍ମତିକ୍ରମେ ଗ୍ରାମର ମହିଳାମାନଙ୍କୁ ନେଇ ଗ୍ରାମ୍ୟ ମହିଳା ସମିତି ଗଠନ କରାଯାଇଛି । ଏହି ସମିତି ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଏମ୍‌ପି, ଉପଜିଲାପାଳ, ଏସ୍‌ପି, ଏସ୍‌ଡିପିଓ, ଆଇଆଇସି, ଏମ୍‌ସିଏଲ୍ ସିଏମ୍‌ଡି, ଜିଏମ୍ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଗ୍ରାମରୁ ଖଣିର ଦୂରତ୍ୱ ମାତ୍ର ୫୦ମିଟର। ଖଣିରେ ବିସ୍ଫୋରଣ ହେବା ଫଳରେ ଗ୍ରାମର ଘରଦ୍ୱାର ଭାଙ୍ଗିରୁଜି ଯାଉଛି। ଖଣି ସମ୍ପ୍ରସାରଣ ବେଳେ ଧୂଳିଧୂଆଁରେ ଗ୍ରାମ ପୋତିହୋଇ ପଡୁଛି। ଖଣିରୁ କୋଇଲା ଉତ୍ତୋଳନ ଫଳରେ ଭୂତଳଜଳ ନିମ୍ନଗାମୀ ହୋଇ ଗ୍ରାମରେ କୂଅ, ନଳକୂପ ଆଦି ଅଚଳ ହୋଇପଡୁଛି । ଗ୍ରାମବାସୀ ଖଣି ସମ୍ପ୍ରସାରଣକୁ ପ୍ରଥମରୁ ବିରୋଧ କରିଆସୁଛନ୍ତି। ଏ ନେଇ ଗତ ଜୁଲାଇ ୨୪ରେ ଜିଲା ପ୍ରଶାସନ, ପୋଲିସ୍ ପ୍ରଶାସନ,ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଡିସେମ୍ବର ୩୧ସୁଦ୍ଧା ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସମସ୍ତ ପ୍ରକ୍ରିୟା ଶେଷ କରାଯିବ ବୋଲି ଖଣି କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ସମୟସୀମା ଅତିବାହିତ ହୋଇଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ରକ୍ଷା ନ କରି ଖଣି ସମ୍ପ୍ରସାରଣ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମ୍ପ୍ରସାରଣ ବନ୍ଦ କରନ୍ତୁ, ନଚେତ ଗ୍ରାମ୍ୟ ମହିଳା ସମିତି ଖଣି କାର୍ଯ୍ୟବନ୍ଦ କରିବା ପାଇଁ ବାଧ୍ୟହେବ ବୋଲି ଚେତାବନୀ ଦେଇଛି। ଏଥିପାଇଁ କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ମହିଳା ସମିତି ଦର୍ଶାଇଛି । ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମହିଳା ସମିତିର କଲ୍ୟାଣି କର୍ତା, କିଶୋରୀ କର୍ତା, ଗୀତାରାଣି ପାଣ, ସୁଲଚନା ରଣବିଡା, ସଙ୍ଗିତା ଲୁହାର, ସୁଲତା ପ୍ରଧାନ, ଲକ୍ଷ୍ମୀ ମୁଖୀ, ସୀମା ସାହୁ, ଚନ୍ଦ୍ରମା ମିଶ୍ର, ତୁଳସୀ ମହାରଣା, ନିରୂପମା ସିଂହ, ସୁଷମା କୁମୁରା, ସବିତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସମିତି କର୍ମକର୍ତ୍ତା।

## ଜୋନ୍ ୨ର ପ୍ରାର୍ଥୀ, ବ୍ୟାନରରେ ଜୋନ୍ ୧

**ସମ୍ବଲପୁର,୩୧।୧(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ପାଇଁ ସମ୍ବଲପୁର ରାଜନୀତି ସରଗରମ ହୋଇଉଠିଛି। ପ୍ରମୁଖ ରାଜନୈତିକ ଦଳ ସହ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡିଛନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ଲଗାଯାଇଛି। ରେଙ୍ଗାଲି ବ୍ଲକର ଜୋନ୍ ୨ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକଙ୍କ ବ୍ୟାନରକୁ ନେଇ ଚର୍ଚ୍ଚା ଚାଲିଛି। ସେ ଜୋନ୍ ୨ର ପ୍ରାର୍ଥୀ ହୋଇଥିବାବେଳେ ବ୍ୟାନରରେ ଜୋନ୍ ୧ ଲେଖାଯାଇଛି। ଅଞ୍ଚଳର ଏକ ଦୋକାନରେ ଲାଗିଥିବା ଏହି ବ୍ୟାନର ଫଟୋ ଭାଇରାଲ ହେବା ପରେ ବିରୋଧୀମାନେ ସମାଲୋଚନା କରୁଛନ୍ତି। ଏ ସମ୍ପର୍କରେ ପ୍ରାର୍ଥୀ ବାରିକ କହିଛନ୍ତି, ପ୍ରିଣ୍ଟ କରିବା ସମୟରେ ତ୍ରୁଟି ରହିଯାଇଛି। କାର୍ଯ୍ୟକର୍ତ୍ତାମାନେ ଏହାକୁ ନ ଦେଖି ଲଗାଇ ଦେଇଥିଲେ। ଘଟଣା ଜଣାପଡିବା ପରେ ବ୍ୟାନରକୁ ହଟାଇ ଦିଆଯାଇଛି। ଏବେ ତ୍ରୁଟି ସଂଶୋଧନ କରି ବ୍ୟାନର ଲଗାଯାଉଛି।




ରେଙ୍ଗାଲି ବ୍ଲକରେ ଲଗାଯାଇଥିବା ତ୍ରୁଟିପୂର୍ଣ୍ଣ ବ୍ୟାନର ।

## ଜିଏମ୍ୟୁ ସମ୍ମୁଖରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ




ଏସ୍‌ୟୁ ମୁଖ୍ୟ ଗେଟ୍ ଆଗରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

**ସମ୍ବଲପୁର,୩୧।୧(ବ୍ୟୁରୋ)**

ଯୁକ୍ତ ୨ ଶେଷବର୍ଷ ପରୀକ୍ଷା ବାତିଲ ଦାବିରେ ସୋମବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି କୋଭିଡ୍ କଟକଣା ଯୋଗୁ ଅନ୍‌ଲାଇନରେ ପାଠପଢା ହୋଇଥିଲା। ସରକାର ମଧ୍ୟ ପ୍ରଥମ ବର୍ଷ ଓ ଅନ୍ୟ ପରୀକ୍ଷାକୁ ନେଇ ଶେଷବର୍ଷ ଫଳାଫଳ ବାହାର କରିବାକୁ ଘୋଷଣା କରିଥିଲେ। ହେଲେ ଏବେ ଶେଷ ସମୟରେ ଅଫ୍‌ଲାଇନ ପରୀକ୍ଷା କରାଯିବାକୁ ଘୋଷଣା କରିଛନ୍ତି। ଏଥିପାଇଁ ସେମାନେ ପ୍ରସ୍ତୁତି କରିନାହାନ୍ତି। ଏପରି ସମୟରେ ପରୀକ୍ଷା ହେଲେ ଫଳାଫଳ ଉପରେ ପ୍ରଭାବ ପକାଇବ। ଏବେ ପ୍ରସ୍ତୁତି କରିବାକୁ ସମୟ ଅଭାବ ରହିଛି ବୋଲି କୋଶଳ ଷ୍ଟୁଡେଣ୍ଟ ୟୁନିୟନ ପକ୍ଷରୁ ଜିଏମ୍‌ୟୁ କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରାଯାଇଛି।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀ ୱେଲଫେୟାର କମିଟି ପକ୍ଷରୁ ଆନ୍ତଃ ଜିଲା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମେତ ବଲାଙ୍ଗୀର, ଝାରସୁଗୁଡ଼ା, ଟିଟିଲାଗଡ, ଅତାବିରା ପ୍ରଭୃତି ଅଞ୍ଚଳର ୪୮ ଦଳ ଭାଗ ନେଇଥିଲେ। ଅର୍ପିତ ପଣ୍ଡା ଓ କ୍ରିଷ୍ଣା ସୁଆଦିୟା ଯୋଡି ଚାମ୍ପିୟନ ଏବଂ ଅଜିତ ମୋହନ ସେଠ ଓ ରୋହନ ଯୋଡି ରନର୍ସଅପ ଟ୍ରଫି ହାସଲ କରିଥିଲେ। ଶ୍ରୀକାନ୍ତ ପ୍ରଧାନ ଓ ହର୍ଷ ପାନେଶ୍ୱର ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଦ୍ରିନାରାୟଣ ଶତପଥି, ଚନ୍ଦ୍ରକାନ୍ତ ମହାନ୍ତି, ପ୍ରଦୀପ କୁମାର ସାହୁ, ପ୍ରଦୋଶ କୁମାର ବେହେରା, ଅନୁପ କୁମାର ବହୁଗୁଣା, ଦୁର୍ଯୋଧନ ପ୍ରଧାନ, ବାବୁଲୁ ଗିରି, ଶ୍ରୀବତ୍ସ ବିଶ୍ୱାଳ, ରାଜେଶ୍ୱର ରାଓ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ ।

## ବାଇକ୍-ସ୍କୁଟି ଧକ୍କା: ଜଣେ ଗୁରୁତର

**ରେଢାଖୋଲ,୩୧।୧(ଡି.ଏନ.ଏ.)**

ରେଢାଖୋଲ-ନାକ୍ଟିଦେଉଳ ରାସ୍ତାର ତେରବେଡା ଗ୍ରାମ ନିକଟରେ ସୋମବାର ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଦେବଗଡ଼ ଜିଲା ରିଆମାଳ ଥାନା ଚୁହିଳାମାଳ ଗ୍ରାମର ସୁନୀଲ ବାରିକ (୩୭) ଗୁରୁତର ହୋଇଛନ୍ତି। ନାକ୍ଟିଦେଉଳ ଥାନା ଅଧିକାରୀ ସୁନୀଲଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ରେଢାଖୋଲ ପୋଲିସ ବାଇକ୍ ଓ ସ୍କୁଟି ଜବତ କରିବା ସହ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

## ନେଟ୍‌ୱର୍କ ନାହିଁ ତ ଭୋଟ ନାହିଁ

**କୁତ୍ରା,୩୧।୧(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ଫେବୃୟାରୀ ୧୬ରୁ ଭୋଟ୍ ହେବ। ଏଥବପାଇଁ ଗାଁ ଗାଁରେ ରାଜନୀତି ସରଗରମ ହେବାରେ ଲାଗିଛି। ତେବେ କୁତ୍ରା ବ୍ଲକର ଏକ ଉପାନ୍ତ ଅଞ୍ଚଳର ଗାଁକୁ ନେତାଙ୍କୁ ଯିବା ମନା। ନେଟ୍‌ୱାର୍କ ନାହିଁ ତ ଭୋଟ ନାହିଁ। ଏଭଳି ଅଭିନବ ପ୍ରତିବାଦ କରିଛନ୍ତି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚୟତର ରଙ୍ଗାମାଟି ଗାଁର ଲୋକମାନେ। କୁତ୍ରା ବ୍ଲକର ଉପାନ୍ତ ଅଞ୍ଚଳ ଝାଡ଼ଖଣ୍ଡ ସୀମାନ୍ତ ରଙ୍ଗାମାଟି ଗାଁରେ ଦୀର୍ଘଦିନରୁ ନେଟ୍‌ୱର୍କ ଅସୁବିଧା ଥିବା ଗାଁ ଲୋକମାନେ ଅଭିଯୋଗ କରିଛନ୍ତି। ସେମାନେ ନେଟ୍‌ୱର୍କ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କରୋନା ସମୟରେ ନେଟ୍‌ୱର୍କ ଅସୁବିଧା ଯୋଗୁ ପିଲାମାନେ ଅନ୍‌ଲାଇନ ପାଠ ପଢିପାରୁ ନାହାଁନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡାକିବାକୁ ହେଉ ଅବା ଗାଁକୁ ହାତୀ ଆସିଲେ ବନ ବିଭାଗକୁ ଖବର ଦେବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନେଟ୍‌ୱର୍କ ସମସ୍ୟାର ସମାଧାନ ହେଲେ ସେମାନେ ଭୋଟ ଦେବେ ବୋଲି କହିଛନ୍ତି।

## ନାକଟିଦେଉଳ ବ୍ଲକ: ମତଦାନ କରିବେ ୫୨୯୭୧ ଭୋଟର

**ନାକଟିଦେଉଳ,୩୧।୧(ଡ଼ି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ପାଇଁ ଫେବୃୟାରୀ ୧୮ରେ ନାକଟିଦେଉଳ ବ୍ଲକରେ ମତଦାନ ହେବ। ବ୍ଲକର ୧୭୫ ବୁଥ୍‌ରେ ୧୭୫ ୱାର୍ଡ଼ ସଭ୍ୟ, ୧୪ ସରପଞ୍ଚ ଓ ୧୪ ସମିତିସଭ୍ୟ ପଦ ପାଇଁ ସମୁଦାୟ ୫୨୯୭୧ଜଣ ଭୋଟର ମତଦାନ କରିବେ। ବ୍ଲକରେ ୨ ଜିଲା ପରିଷଦ ଜୋନ ରହିଛି। ଜୋନ ୧ରେ ପାଣିମୁରା, କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର, ବଳମ, ସରାପାଲି ଓ ସାଲେଭଟା ପଞ୍ଚାୟତ ରହିଛି। ୧୩ ୱାର୍ଡ଼ ବିଶିଷ୍ଟ ପାଣିମୁରା ପଞ୍ଚାୟତରେ ୩୨୨୦ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୬୦୨ ଓ ମହିଳା ୧୬୧୮ଜଣ ରହିଛନ୍ତି। ୧୧ ୱାର୍ଡ଼ ବିଶିଷ୍ଟ କିସିଣ୍ଡା ପଞ୍ଚାୟତରେ ୩୭୯୪ ଭୋଟରଙ୍କ ମଧ୍ୟରେ ୧୮୬୦ ପୁରୁଷ ଓ ୧୯୩୩ ମହିଳା ଅଛନ୍ତି। ୧୨ ୱାର୍ଡ଼ ବିଶିଷ୍ଟ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତରେ ୨୮୭୮ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୪୧୯ ଓ ମହିଳା ୧୪୫୯ଜଣ ରହିଛନ୍ତି। ୧୪ ୱାର୍ଡ଼ ବିଶିଷ୍ଟ ବଳମ ପଞ୍ଚାୟତରେ ୫୫୧୫ ଭୋଟର ରହିଥିବା ବେଳେ ପୁରୁଷ ୨୭୮୫ ଓ ମହିଳା ୨୭୨୯ଜଣ ଅଛନ୍ତି। ୧୫ ୱାର୍ଡ଼ ବିଶିଷ୍ଟ ସରାପାଲି ପଞ୍ଚାୟତରେ ୫୩୯୦ ଭୋଟର ଥିବାବେଳେ ପୁରୁଷ ୨୭୬୪ ଓ ମହିଳା ୨୭୧୫ଜଣ ରହିଛନ୍ତି। ୧୫ ୱାର୍ଡ଼ ବିଶିଷ୍ଟ ସାଲେଭଟା ପଞ୍ଚାୟତରେ ୪୮୯୮ ଭୋଟରଙ୍କ ମଧ୍ୟରୁ ପୁରୁଷ ୨୪୯୦ ଓ ମହିଳା ୨୪୦୮ ରହିଛନ୍ତି। ବ୍ଲକର ଜୋନ ୨ରେ ୮ଟି ପଞ୍ଚାୟତ ରହିଛି। ୧୩ ୱାର୍ଡ଼ ବିଶିଷ୍ଟ ବାଟଗାଁ ପଞ୍ଚାୟତରେ ୫୧୮୩ ଭୋଟର ଥିବାବେଳେ ପୁରୁଷ ୨୫୯୦ ଓ ମହିଳା ୨୫୯୩ଜଣ ଅଛନ୍ତି। ୧୪ ୱାର୍ଡ଼ ବିଶିଷ୍ଟ ଢ଼ଇଁଚା ପଞ୍ଚାୟତରେ ୩୫୧୫ ଭୋଟରଙ୍କ ମଧ୍ୟରେ ପୁରୁଷ ୧୮୦୯ ଓ ମହିଳା ୧୯୦୫ ଜଣ ରହିଛନ୍ତି। ୧୧ ୱାର୍ଡ଼ ବିଶିଷ୍ଟ ଗୋଗୁଆ ପଞ୍ଚାୟତରେ ୨୦୯୯ ଭୋଟର ଥିବାବେଳେ ପୁରୁଷ ୧୦୩୫ ଓ ମହିଳା ୧୦୬୪ଜଣ। ୧୨ ୱାର୍ଡ଼ ବିଶିଷ୍ଟ ଘୋଷରାମାଳ ପଞ୍ଚାୟତରେ ୩୯୫୪ ଭୋଟରଙ୍କ ମଧ୍ୟରେ ପୁରୁଷ ୧୯୮୧, ମହିଳା ୧୯୭ ରହିଛନ୍ତି। ୧୨ୱାର୍ଡ଼ ବିଶିଷ୍ଟ ଜାମୁଯୋରୀ ପଞ୍ଚାୟତରେ ୩୯୮୭ ଭୋଟରଙ୍କ ମଧ୍ୟରେ ପୁରୁଷ ୨୦୩୬ ଓ ମହିଳା ୧୯୫୧ଜଣ। ୧୧ୱାର୍ଡ଼ ବିଶିଷ୍ଟ ନାକଟିଦେଉଳ ପଞ୍ଚାୟତରେ ୩୨୧୪ ଭୋଟର ଥିବାବେଳେ ପୁରୁଷ ୧୫୯୯ ଓ ମହିଳା ୧୬୧୫ଜଣ। ୧୧ ୱାର୍ଡ଼ ବିଶିଷ୍ଟ ସାହେବୀ ପଞ୍ଚାୟତରେ ୨୩୦୧ ଭୋଟରଙ୍କ ମଧ୍ୟରେ ପୁରୁଷ ୧୧୭୮ ଓ ମହିଳା ୧୧୨୩ଜଣ। ୧୧ ୱାର୍ଡ଼ ବିଶିଷ୍ଟ ଶିମିଳିପାଳ ପଞ୍ଚାୟତରେ ୩୦୨୩ ଭୋଟର ଥିବାବେଳେ ପୁରୁଷ ୧୫୨୫ ଓ ମହିଳା ୧୪୯୮ଜଣ ରହିଛନ୍ତି।

## ଧାନ ସଂଗ୍ରହ କମିଶନ ଦାବି କଲେ ଏସ୍‌ଏଚ୍‌ଜି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହିଳାମାନେ ।

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ବାମରା ବ୍ଲକର ଏସ୍‌ଏଚ୍‌ଜି ମହିଳା ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ସେମାନେ ୨୦୨୦-୨୧ ଆର୍ଥିକ ବର୍ଷ ଖରିଫ ସମୟରେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହରେ ସାମିଲ ହୋଇଥିଲେ। ବିଶ୍ୱ ଏସ୍‌ଏଚ୍‌ଜି, ଦିବ୍ୟାଭାରତୀ ଏସ୍‌ଏଚ୍‌ଜି, ତାରଣୀ ଏସ୍‌ଏଚ୍‌ଜି, ଶକ୍ତି ଏସ୍‌ଏଚ୍‌ଜି ଜରିଆରେ ଧାନ ସଂଗ୍ରହ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କମିଶନ ବାବଦ ପ୍ରାପ୍ୟ ମିଳିପାରି ନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ସୌଦାମିନୀ ନାଏକ, ଚିତ୍ରା ନାୟକ, କିଶୋରୀ ପଟେଲ, ଭଗବତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୪୫ବସ୍ତା ଚୋରା କୋଇଲା ଜବତ

**ସୁନ୍ଦରଗଡ,୩୧।୧(ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା କନିକା ରେଲୱେ ଡମ୍ପିଂ ୟାର୍ଡରୁ ଚୋରି ହୋଇ ମହଜୁଦ ଥିବା ୪୫ବସ୍ତା କୋଇଲାକୁ ହେମଗିର ଥାନା ପୋଲିସ ସୋମବାର ଜବତ କରିଛି। ଜବତ କୋଇଲା କନିକା ଗ୍ରାମର ଅବଦୁଲ ରହେମାନଙ୍କ ଘରେ ମହଜୁଦ ଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା। ଏ ନେଇ ହେମଗିର ଥାନାରେ ଏକ ମାମଲା ରୁଜୁ ହୋଇଛି। ଚୋରା କୋଇଲା ମହଜୁଦକାରୀ ରେହେମାନ୍ ଫେରାର ଥିବା ପୋଲିସ କହିଛି ।

## କର୍ମଚାରୀଙ୍କୁ ଛଟେଇ, ସିଡିଏମ୍‌ଓଙ୍କୁ ଦାବିପତ୍ର

**ସମ୍ବଲପୁର,୩୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନୋଟିସ ନ ଦେଇ ଛଟେଇ କରାଯାଇଛି। ଫଳରେ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଗତ ୧୪ ବର୍ଷ ହେବ ଏକ ଠିକା ସଂସ୍ଥା ଅଧୀନରେ ସେମାନେ କାମ କରୁଥିଲେ। କେଉଁ ଆଧାରରେ ଠିକା ସଂସ୍ଥା ଛଟେଇ କରିଛି ସେ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏ ନେଇ ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ସୋମବାର ସିଡିଏମ୍‌ଓ ଡା. ପଙ୍କଜ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରତିନିଧି ଦଳରେ ଯୁବ କଂଗ୍ରେସ ଟାଉନ ସଭାପତି ମୋହନ ଶାହା, ରାଜ୍ୟ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ନୀଳକଣ୍ଠ ମେସୁଆ, ସୁମିତ ଷଡଙ୍ଗୀ, ମହିଳା ନେତ୍ରୀ ରେଣୁ କରିମ ସାମିଲ ଥିଲେ।



ଜିଲା ଯୁବ କଂଗ୍ରେସ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର ଦିଆଯାଉଛି।

# ବେଆଇନ ବାଲି ଉତ୍ତୋଳନ

**ନାକଟିଦେଉଳ,୩୧।୧(ଡ଼ି.ଏନ.ଏ.)**

ନାକଟିଦେଉଳ ତହସିଲ

ଜିଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

ଦିନ ଦିପ୍ରହରରେ ହେଉଛି ବେଆଇନ ବାଲି ଉତ୍ତୋଳନ। ଲିଜ୍ ପରିସୀମା ବାହାରୁ ବାଲି ଉଠାଯାଇ ବାହାରକୁ ଚାଲାଣ କରାଯାଉଛି। ନାକଟିଦେଉଳ ବ୍ଲକ ଟିକିରା ନଦୀ ଘାଟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏ ନେଇ ନାକଟିଦେଉଳ ଗ୍ରାମବାସୀ ଜିଲା ପ୍ରଶାସନ ସମେତ ରାଜ୍ୟ ଖଣି ନିଗମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ନାକଟିଦେଉଳ ତହସିଲ ଅନ୍ତର୍ଗତ ଚମ୍ପାଳି ଓ ଟିକିରା ନଦୀ ଘାଟରୁ ପ୍ରତ୍ୟହ ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାହାରକୁ ବାଲି ଚୋରାଚାଲାଣ ହେଉଛି। ଟିକିରା ନଦୀର ଏକ ବାଲିଘାଟ ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇଛି। ହେଲେ ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ମାଫିଆମାନେ ଚମ୍ପାଳି ନଦୀରୁ ବାଲି ଉଠାଇ ଚାଲିଛନ୍ତ। ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେଉଛି। ଚମ୍ପାଳି ନଦୀରୁ ବାଲି ଉତ୍ତୋଳନ ଯୋଗୁ କୂଳ ଖାଇବା ସହ ଜଳସ୍ତର ହ୍ରାସ ପାଇବା ସମ୍ଭାବନା ରହିଛି। ଗ୍ରୀଷ୍ମ ଦିନେ ଜନସାଧାରଣ ଗାଧୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ଗ୍ରାମକୁ ବନ୍ୟା ବିପଦ ମଧ୍ୟ ରହିଛି। ଏହି ବେଆଇନ କାର୍ଯ୍ୟ ରୋକିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାକଟିଦେଉଳ ଗ୍ରାମ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ବାଲ୍ମିକ ବିଶିଙ୍କ ସମେତ ଶତାଧିକ ଗ୍ରାମବାସୀ ସମ୍ବଲପୁର ଜିଲାପାଳ, ଓଡ଼ିଶା ଖଣି ନିଗମ ଅଧିକାରୀ ଓ ରେଢାଖୋଲ ଉପଜିଲାପାଳଙ୍କୁ ଲିଖିତାକାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ଟିକିରା ନଦୀରୁ ବାଲି ଉଠାଇବା ପାଇଁ ୧୨.୪୭ଏକର ସ୍ଥାନରେ ରିଆମାଳ ଅଞ୍ଚଳର ଅର୍ଜୁନ ପ୍ରଧାନଙ୍କୁ ଲିଜ୍ ଦିଆଯାଇଛି। ଲିଜ୍ ବାହାରେ ବାଲି ଉଠାଯାଉଥିବା ନେଇ ଅଭିଯୋଗ ଆସିବା ପରେ ପୁନର୍ବାର ସୀମା ଚିହ୍ନଟ ପାଇଁ ନାକଟିଦେଉଳ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟରେ ଲିଜ୍ ଅଞ୍ଚଳ ବାହାରୁ ବାଲି ଉତ୍ତୋଳନ ହେଉଥିଲେ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଠାରୁ ରାଜସ୍ୱ ସହିତ ଜରିମାନା ଆଦାୟ କରାଯିବ।



ଚାଲିଛି ବେଆଇନ ବାଲି ଉତ୍ତୋଳନ।

## ଚୋରି ମାମଲା, ୩ ଗିରଫ

**ବରଗଡ଼ ଅଫିସ୍:** ଏକ ଚୋରି ମାମଲାରେ ବରଗଡ଼ ଜିଲା ସଦର ଥାନା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସଦର ଥାନା ଚାରପାଲି ଗ୍ରାମର ଚିଣ୍ଟୁ ଭୁଏ(୨୪), ସମ୍ବଲପୁର ଜିଲା ଚାରମାଳ ଥାନା କୁଲିହାବାହାଲି ଗ୍ରାମର ଦୁଷ୍ମନ୍ତ ବେହେରା(୨୫) ଏବଂ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ନୂଆଗାଁର ଅସିତ ଓରଫ ଲିଟୁ ପ୍ରଧାନ(୨୪)। ଗିରଫ ଅଭିଯୁକ୍ତମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତଙ୍କ ପାଖରୁ ଏକ ଟ୍ରାକ୍ଟର ଏବଂ ଚୋରି ହୋଇଥିବା ୬ କୁଇଣ୍ଟାଲ ଷ୍ଟିଲ ସାମଗ୍ରୀ ଜବତ ହୋଇଛି। ଗତ ୨୭ତାରିଖରେ ଗିରଫ ଅଭିଯୁକ୍ତମାନେ ଷ୍ଟିଲ ସାମଗ୍ରୀ ଚୋରି କରି ନେଇଥିଲେ।



# ପ୍ରାର୍ଥୀପତ୍ର ନାକଚକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ଚଢ଼େଇପଙ୍କରେ ସରପଞ୍ଚ ନିର୍ବାଚନ କରିବାକୁ ଦାବି**

**ସୋନପୁର,୩୧।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଚଢ଼େଇପଙ୍କ ଗ୍ରାମ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ମହେଶ୍ୱର ନନ୍ଦଙ୍କ ପ୍ରାର୍ଥିପତ୍ର ନାକଚକୁ ନେଇ ବିବାଦ ଦେଖାଦେଇଛି। ମହେଶ୍ୱର ଗତ ୧୮ ତାରିଖରେ ସମସ୍ତ କାଗଜପତ୍ର ସହିତ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୨୨ ତାରିଖ ପ୍ରାର୍ଥିପତ୍ର ଯାଞ୍ଚ ପରେ ୫ ନମ୍ବର ଫର୍ମରେ ଚୂଡ଼ାନ୍ତ ତାଲିକାରେ ତାଙ୍କ ନାମ ପ୍ରକାଶ କରାଯାଇଥିଲା। କିନ୍ତୁ ଚିହ୍ନ ନ ଦେଇ ପରେ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିବା କୁହାଯାଇଥିଲା। ମହେଶ୍ୱର ଏ ସମ୍ପର୍କରେ ଉଲୁଣ୍ଡା ବିଡିଓ ହେମସାଗର ଭୋଇଙ୍କଠାରୁ ଆରମ୍ଭ କରି ନିର୍ବାଚନ ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। କିନ୍ତୁ ତାଙ୍କ ଅଭିଯୋଗକୁ କେହି ଶୁଣିନାହାନ୍ତି। ସେପଟେ ଚଢ଼େଇପଙ୍କ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ଦେବବ୍ରତ ପର୍ଡିଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବିଡିଓ ପ୍ରକାଶ କରିଛନ୍ତି। ଶେଷ ମୁହୂର୍ତ୍ତରେ ଏହି ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ୫ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେବା ସମସ୍ତଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରିଛି। ଅନ୍ୟପକ୍ଷେ ଆଫିଡାଭିଟ୍ ଦେଇ ନ ଥିବା ଦର୍ଶାଇ ମହେଶ୍ୱରଙ୍କ ପ୍ରାର୍ଥିପତ୍ରକୁ ନାକଚ କରାଯାଇଥିଲା। ଏହା ଭାରପ୍ରାପ୍ତ ଅଧିକାରୀଙ୍କ ବେଆଇନ କାର୍ଯ୍ୟ ଦର୍ଶାଇ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତରେ ନିରପେକ୍ଷ ଭାବେ ସରପଞ୍ଚ ନିର୍ବାଚନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ନିର୍ବାଚନ ନ କରିବାକୁ ଜାଲିଆତି ହୋଇଛି। ଏଥିରେ ବିପୁଳ ଟଙ୍କା କାରବାର ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ପାଇଁ ପଞ୍ଚାୟତବାସୀ ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି।

# ସାମ୍ବାଦିକ ସଞ୍ଜୀବ ଯୋଷୀଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାମ୍ବାଦିକ, ସମାଜସେବୀ।

**ଭବାନୀପାଟଣା,୩୧।୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଧରିତ୍ରୀ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୀବ ଯୋଷୀଙ୍କ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଜିଲା ସାମ୍ବାଦିକ ସଂଘରେ ଶୋକର ଛାୟା ଖେଳିଯାଇଛି। ଏନେଇ ସୋମବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଭବାନୀପାଟଣା ହୋଟେଲ ଭାଗୀରଥିଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଉମା ଶଙ୍କର କର, ସତ୍ୟନାରାୟଣ ମହାପାତ୍ର, ଶାନ୍ତନୁ ବେହେରା, ନରେନ୍ଦ୍ର ନେଗୀ, ଅଜିତ ସିଂ, ରଜନୀକାନ୍ତ ମିଶ୍ର, ମନମୋହନ ପ୍ରଧାନ, ବିକାଶ ଷଡଙ୍ଗୀ, ବିଜୟ ଦ୍ୱିବେଦୀ, ମନୋଜ ନାଏକ, କୈଳାସ ସାହୁ, ଯଶୋବନ୍ତ ଢଂଗଡା ମାଝୀ, ସୁଶୀଲ ବାଗ, ସମାଜସେବୀ ଅଭିନାଶ ଠାକୁର, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ ବେହେରା ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

## ସଞ୍ଜୀବଙ୍କ ବିୟୋଗରେ ଶୋକ

**କେସିଙ୍ଗା, ୩୧।୧(ଡି.ଏନ୍.ଏ.):** କଳାହାଣ୍ଡି ଜିଲାର ବରିଷ୍ଠ ସାମ୍ବାଦିକ ତଥା ଧରିତ୍ରୀ ଜିଲା ପ୍ରତିନିଧି ସଞ୍ଜିବ କୁମାର ଯୋଶୀଙ୍କ ପରଲୋକରେ କେସିଙ୍ଗା ସାମ୍ବାଦିକ ସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ସମସ୍ତ ସାମ୍ବାଦିକ ଦୁଇମିନିଟ ନିରବ ପ୍ରାର୍ଥନା କରି ସ୍ଥାନୀୟ ପାଠାଗାରଠାରେ ସୋମବାର ଶୋକସଭା କରିଥିଲେ। ତାଙ୍କ ବିୟୋଗରେ ସୁରେଶ ଅଗ୍ରୱାଲ, ଡୁମେଶ୍ୱର ସାହୁ, ଡମ୍ବରୁଧର ଭୋଇ, ବିନୋଦ ଜୈନ, ଓଜେୟୁର କଳାହାଣ୍ଡି ଜିଲା ଶାଖାର ଲକ୍ଷ୍ମଣ ସ୍ୱାଇଁ, ମଧୁ ସିନ୍ଧୁର, ପ୍ରଫୁଲ୍ଲ ସାହୁ, ମଧୁସୂଦନ ଠାକୁର, ଅର୍ଜ୍ଜୁନ ପୋଢ଼, ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଶୋକପ୍ରକାଶ କରିଥିଲେ।



| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/୧୬ | ୭୭୬/ ୨୫୩୧ (ସ୍ମ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍ମ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/୮୭ | ୯୬୧ (ସ୍ମ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/୯୧ | ୬୭୪ (ସ୍ମ) | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/୧୦୦ | ୧୭୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/୧୦୭ | ୧୪୭୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./- ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂ. IX (D)-08/2021-201 ତା-26.03.2021

No.V-41:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୩ ତା- ୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା**, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮।୦୧।୨୦୧୯ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ

**ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅଜର୍ନ ମାମଲା ସଂ:- ୦୧/୨୦୧୮**

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି- ଶଙ୍କର ଯେନା, ବା- ନିଜଗାଁ, ଜା- ପାଣ | ୧୦୯୨ | ଶାରଦ-୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି- ଦୁଖା ପାଗଳ, ବା- ନିଜଗାଁ, ଜା- ତନ୍ତି | ୧୦୯୩/ ୧୬୬୩ | ବାଜେଫସଲ- ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122 ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର


# ଉଦ୍ଧାର ପାଇଁ ପ୍ରଶାସନର ଦ୍ୱାରସ୍ଥ

**ଆନ୍ଧ୍ରରେ ଦାଦନ ଶ୍ରମିକ ବନ୍ଧକ**



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ପଏଁରବାସୀ।

**ନୂଆପଡ଼ା ଅଫିସ୍,୩୧।୧**

ନୂଆପଡ଼ା ଜିଲା କୋମନା ବ୍ଲକ ପଏଁର ଗାଁର ଏକ ପରିବାର ଆନ୍ଧ୍ରକୁ ଇଟା ତିଆରି କରିବା ପାଇଁ ଯାଇ ସେଠାରେ ନିର୍ଯାତନାର ଶିକାର ହୋଇ ବନ୍ଧକ ରହିଛନ୍ତି। ଉଦ୍ଧାର ପାଇଁ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପଏଁର ଗାଁର ଚିତରାମ ଦୀପ (୩୮), ପୁଅ (୧୪) ଝିଅ (୪) ଓ ସ୍ତ୍ରୀଙ୍କୁ ଧରି ୨୦୨୧ ଅଗଷ୍ଟ ୨୨ ରେ ଆନ୍ଧ୍ରର ପୈଦାପଲି ଜିଲା ରାଘପୁର ଅଞ୍ଚଳକୁ ଯାଇ ଏସ୍‌ଏମ୍‌ଆର୍ କମ୍ପାନୀରେ ଇଟା ତିଆରି କରୁଥିଲେ। କିଛି ଦିନ କାମ କଲା ପରେ ଚିତରାମ ଇଟାଭାଟି ମାଲିକ ସନ୍ତୋଷ ପଟେଲଙ୍କୁ ଟଙ୍କା ମାଗିଥିଲେ। ମାଲିକ ଆଉ କିଛିଦିନ କାମକର ଟଙ୍କା ଦିଆଯିବ କହିଥିଲେ। ହେଲେ ହଠାତ ଗାଁରୁ ବାପାଙ୍କ ଦେହ ଖରାପ ଫୋନ ଯିବାରୁ ଚିତରାମ ପୁଣି ମାଲିକଙ୍କୁ ଟଙ୍କା ମାଗିଥିଲେ। ମାଲିକ ଟଙ୍କା ନ ଦେବାରୁ ଅନ୍ୟ ଜଣେ ଶ୍ରମିକଙ୍କଠାରୁ ଧାରକରି ଗାଁକୁ ଆସି ବାପାକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଜକୁ ପ୍ରାୟ ୩ ମାସ ହୋଇଯିବ। ବାପା ଠିକ୍ ନ ହେବାରୁ ଚିତରାମ ଯାଇପାରୁ ନାହାନ୍ତି। ଫୋନ କରି ପରିବାର ସାଙ୍ଗରେ କଥା କରିବା ପାଇଁ କହିଲେ କଥା କରାଇ ଦେଉନାହାନ୍ତି। ଅନ୍ୟମାନଙ୍କୁ ଫୋନ କରି କଥା ହେଲେ ମାଡପିଟ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଚିତରାମଙ୍କୁ ଫୋନ କରି ଜୀବନରେ ମାରିଦେବା ପାଇଁ ଧମକ ଦେଉଛନ୍ତି। ଚିତରାମଙ୍କ ପରିବାରକୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଛନ୍ତି। ୩ କୁଟୁମ୍ବ ସେଠାରେ ନିର୍ଯାତିତ ହୋଇ ଇଟାଭାଟି ମାଲିକଙ୍କ ଦ୍ୱାରା ବନ୍ଧା ପଡିଛନ୍ତି। ସେମାନଙ୍କୁ ଉଦ୍ଧାର କରି ଆଣିବା ପାଇଁ ଚିତରାମ ଦୀପ ସମେତ ଗ୍ରାମବାସୀ ଦିଗାମ୍ବର ଦୀପ, ଘାସିରାମ ଶଗରିଆ, ଈଶ୍ୱର ସୁନାନୀ, ଗୁପତ ଜାଳ, ଜଗବନ୍ଧୁ ଜାଳ, ହବିତ ମହାନନ୍ଦ, ଚିତରାମ ସୁନାନୀ, ମନୋଜ ଦୀପ, ଆକାମ ଦୀପ, ଘେନ ଚରଣ ଦୀପ, କୁଶଧ୍ୱଜ ଲିଟି ପ୍ରମୁଖ ନୂଆପଡା ଅତିରିକ୍ତ ଜିଲାପାଳ ପ୍ରଧାନଙ୍କ ସମେତ ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେଇ ଉଦ୍ଧାର କରି ଆଣିବା ପାଇଁ ନିବେଦନ କରିଛନ୍ତି।

# ପୌରାଧ୍ୟକ୍ଷ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ

**ସୁବର୍ଣ୍ଣପୁର ମହିଳା, ତରଭା ଅନୁସୂଚିତ ଜାତି ମହିଳା, ବିନିକା ଅନୁସୂଚିତ ଜନଜାତି**

**ସୋନପୁର,୩୧।୧(ନି.ପ୍ର.)**

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ରାଜ୍ୟର ୧୦୭ଟି ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପଦ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ସୁବର୍ଣ୍ଣପୁର ପୌର ପରିଷଦ, ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପଦ ପାଇଁ ତାଲିକା ପ୍ରକାଶ ପାଇବା ପରେ ପୌର ରାଜନୀତି ସରଗରମ ହୋଇଛି। ଚଳିତ ଥର ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଆସନ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଅଛି। ସେହିପରି ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଜିଲା କାର୍ଯ୍ୟାଳୟର ସାଧାରଣ ଓ ବିବିଧ ବିଭାଗ ପକ୍ଷରୁ ଜିଲାର ଏହି ତିନୋଟି ସହରାଞ୍ଚଳର ୱାର୍ଡ ସୀମା ନିର୍ଦ୍ଧାରଣ ଓ ୱାର୍ଡ ସଭ୍ୟ ପଦ ସଂରକ୍ଷଣ ସମ୍ପର୍କିତ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି।

୧୫ ୱାର୍ଡ ବିଶିଷ୍ଟ ସୁବର୍ଣ୍ଣପୁର ପୌରାଞ୍ଚଳର ୧, ୨, ୩, ୫ ଓ ୧୨ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୬ ଓ ୧୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ୧୦ ଓ ୧୧ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା ଓ ୱାର୍ଡ ନଂ ୧୫ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୪, ୭, ୮, ୯ ଓ ୧୪ ନମ୍ବର ୱାର୍ଡ ଅଣସଂରକ୍ଷିତ ଅଛି। ୧୨ ୱାର୍ଡ ବିଶିଷ୍ଟ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ୧ ଓ ୯ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୩ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୫ ନମ୍ବର ୱାର୍ଡ ଅନୁସୂଚିତ ଜାତି ଓ ୭, ୧୦ , ୧୨ ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ୱାର୍ଡ ନମ୍ବର ୨, ୪, ୬ ଓ ଓ ୧୧ ଅଣସଂରକ୍ଷିତ ରହିଛି। ସେହିପରି ୧୨ ୱାର୍ଡ ବିଶିଷ୍ଟ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ୧, ୩, ୭ ଓ ୮ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପରିଷଦର ୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୯ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା ଓ ୱାର୍ଡ ନମ୍ବର ୧୦ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଅଛି। ୱାର୍ଡ ନମ୍ବର ୨, ୪, ୬, ୧୧ ଓ ୧୨ ଅଣ ସଂରକ୍ଷିତ ରହିଛି। ଏହି ତାଲିକା ପ୍ରକାଶ ପରେ ପ୍ରମୁଖ ରାଜନୈତିକ ଦଳଗୁଡିକ ପ୍ରାର୍ଥୀ ଚୟନରେ ଲାଗି ପଡିଛନ୍ତି।

## ଦିନ ଦି' ପ୍ରହରରେ ଲୁଟିନେଲେ ଦେଢଲକ୍ଷ ଟଙ୍କା

**କର୍ଲାମୁଣ୍ଡା, ୩୧।୧(ଡି.ଏନ.ଏ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦିନ ଦି' ପ୍ରହରରେ ଦୁର୍ବୃତ୍ତମାନେ ଜନୈକ ବ୍ୟକ୍ତିଙ୍କ ଠାରୁ ଦେଢଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ରିଷିଡାଠାରେ ଥିବା ସି.ଏସ୍.ପି (ଗ୍ରାହକ ସେବାକେନ୍ଦ୍ର) ପରିଚାଳକ ମାର୍କଣ୍ଡ ସାହୁ ସୋମବାର କର୍ଲାମୁଣ୍ଡା ଏସ୍‌ବିଆଇକୁ ଯାଇ ଦେଢଲକ୍ଷ ଟଙ୍କା ଉଠାଇ ଏକ ସ୍କୁଟିରେ ଜଣେ ଯୁବକଙ୍କ ସହ ନିଜ ଗାଁ ରିଷିଡାକୁ ଫେରୁଥିଲେ। ସେମାନେ କର୍ଲାମୁଣ୍ଡା-ରିଷିଡା ମୁଖ୍ୟ ରାସ୍ତାର ବ୍ରାହ୍ମଣୀମୁଣ୍ଡା-ତେରେସିଂହା ଛକ ମଝିରେ ହୋଇଥିବା ବେଳେ ଏକ ବାଇକ୍‌ରେ ତିନି ଜଣ ବ୍ୟକ୍ତି ଆସି ସାହୁଙ୍କଠାରୁ ଟଙ୍କା ବ୍ୟାଗ ଲୁଟି ନେଇଥିଲେ। ସେହି ଦୁର୍ବୃତ୍ତମାନେ ଭୟଭୀତ କରିବାକୁ ଏକ ବାଡି ଧରି ଡରାଇଥିଲେ ବୋଲି ସାହୁ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଖବର ପାଇ ମ.ରାମପୁର ଥାନାଧିକାରୀ ସଚିନ୍ଦ୍ର ପଧାନ କର୍ଲାମୁଣ୍ଡା ଫାଣ୍ଡିରେ ପହଞ୍ଚି ତଦନ୍ତ ଚଳାଇଥିଲେ।

## ଆକାଉଣ୍ଟାଣ୍ଟଙ୍କ ବଦଳି ଦାବିରେ ସିଆର୍‌ସିସିଙ୍କ ସାମୂହିକ ଇସ୍ତଫା

**ନୂଆପଡା ଅଫିସ,୩୧।୧**

ନୂଆପଡା ଜିଲା କୋମନା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଦେବାଶିଷ ପରିଡା ଅନେକ ସମୟରେ ଶିକ୍ଷକ, ସିଆରସିସିଙ୍କୁ ହଇରାଣ କରୁଛନ୍ତି। ତାଙ୍କର ଅନ୍ୟତ୍ର ବଦଳି ଦାବିକରି ୧୭ସିଆରସିସି ସାମୂହିକ ଇସ୍ତଫା ଦେଇଛନ୍ତି। ଆକାଉଣ୍ଟାଣ୍ଟ ବିଭିନ୍ନ ସମୟରେ ଶିକ୍ଷକ ଓ ସିଆରସିସିମାନଙ୍କୁ ଖରାପ ବ୍ୟବହାର, ମାନସିକ ଚାପ ଓ ଆର୍ଥିକ ଭାବେ ଶୋଷଣ କରୁଥିବା ନେଇ ସମସ୍ତେ ବ୍ୟତିବ୍ୟସ୍ତ ହୋଇ ଦୀର୍ଘ ଦିନରୁ ତାଙ୍କର ବଦଳି ଦାବି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ୨୦୨୧ ଡିସେମ୍ବର ୨୭ରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଠାରେ ଅଭିଯୋଗ କରିଥିଲେ । ଜାନୁଆରୀ ୧୩ରେ ଜିଲା ଶିକ୍ଷା ଅଧିକାରୀଙ୍କ ପାଖରେ ବଦଳି ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ବ୍ଲକର ୧୭ଜଣ ସିଆରସିସି ସାମୂହିକ ଇସ୍ତାଫାପତ୍ର ପ୍ରଦାନ କରିଥିଲେ। ତାହା ମଧ୍ୟ ଗ୍ରହଣ କରାଯାଉ ନାହିଁ। ଆକାଉଣ୍ଟାଣ୍ଟ ପରିଡାଙ୍କୁ ଅନ୍ୟତ୍ର ବଦଳି କରାଯାଉ ନ ହେଲେ ଆମ ୧୭ ଜଣ ସିଆରସିସିଙ୍କ ଇସ୍ତାଫାପତ୍ର ଗ୍ରହଣ କରାଯାଉ ବୋଲି କୋମନା ବ୍ଲକ ସିଆରସିସିମାନେ ଦାବି କରିଛନ୍ତି ।

## ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରୀଙ୍କ ବିକ୍ଷୋଭ

**ବୌଦ୍ଧ,୩୧।୧(ସ୍ୱ.ପ୍ର.)**

ଯୁକ୍ତ ୨ ଶେଷବର୍ଷ ପରୀକ୍ଷା ବାତିଲ ଦାବିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସୋମବାର କଲେଜ ମୁଖ୍ୟ ଗେଟ ଆଗରେ ବିକ୍ଷୋଭ କରିଛନ୍ତି। କରୋନା ଯୋଗୁ ଚଳିତ ଶିକ୍ଷାବର୍ଷରେ ୭୦ ପ୍ରତିଶତ ସିଲାବସ୍ ପାଠପଢା ହୋଇପାରିନାହିଁ। ମାତ୍ର ୫ମାସର ଅଫ୍‌ଲାଇନ ପାଠ ପଢାରେ ଗୋଟିଏ ମାତ୍ର ତ୍ରୟମାସିକ ଟେଷ୍ଟ ପରୀକ୍ଷା ହୋଇଛି। ଅନ୍‌ଲାଇନ ମଧ ପାଠପଢା ଠିକ୍ ଭାବେ ହୋଇପାରିନାହିଁ। ଏପରିସ୍ଥଳେ ରାଜ୍ୟ ସରକାର ଆସନ୍ତା ମାର୍ଚ୍ଚରେ ଅଫ୍‌ଲାଇନ ମାଧ୍ୟମରେ ପରୀକ୍ଷା କରିବାକୁ ପ୍ରସ୍ତାବ ଦେଇଥିବାରୁ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତ୍ରୟମାସିକ ପରୀକ୍ଷା ମାର୍କ ଆଧାରରେ ବୋର୍ଡ ପରୀକ୍ଷା ମାର୍କ ଦେବାକୁ ଦାବି କରିଥିଲେ। କୌଶିକ କୁମାର ହୋତା ଓ ତ୍ରିବେଣୀ ନାୟକଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭରେ ଜିଲାର ବହୁ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ।

# ଠିକପାଲି ପଞ୍ଚାୟତ ଚାଉଳ ବନ୍ଦ ଘଟଣାର ତଦନ୍ତ ଆରମ୍ଭ

**ନୂଆପଡା ଅଫିସ,୩୧।୧**

ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ବାବୁପାଲି ଗାଁର ରୁକ୍ମଣୀ ଶବର ନାମକ ଜଣେ ବୃଦ୍ଧାଙ୍କର ଗତ ୨୭ରେ ଅନାହାରରେ ମୃତ୍ୟୁ ହୋଇଥିବାର ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିବା ୨୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭ ମାସର ଚାଉଳ ଦେଇ ନ ଥିବା ଗତ ଶୁକ୍ରବାର ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଥିଲା । କାହା ନିର୍ଦ୍ଦେଶରେ ଚାଉଳ ବନ୍ଦ କରି ଦିଆଯାଇଛି । ଆବାସ ସମ୍ପୂର୍ଣ୍ଣ ନ ହେବା ଯାଏଁ ଚାଉଳ ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ନିୟମ ରହିଛି କି କିମ୍ବା ଖାଦ୍ୟ ସୁରକ୍ଷା ଆଇନରେ ନୂଆ ନିୟମ ହେଲା କି, ବୃଦ୍ଧା ମୃତ୍ୟୁ ହେବାର ପ୍ରଶାସନ ଦାୟୀ ବୋଲି ଅନେକ ପ୍ରଶ୍ନ ଉଠୁଛି। ଏହା ତଦନ୍ତ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଣ ନିରୀକ୍ଷକ ଦିଲୀପ ରଞ୍ଜନ ନାଏକ, ରାଜକିଶୋର ସେଠୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ଶେଷ ହୋଇଥିଲେ ମଧ୍ୟ ତାହା ସାର୍ବଜନୀନ କରିନାହାନ୍ତି।

ପ୍ରକାଶ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ବାବୁପାଲିର ୨୦/୩୦ ଜଣଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ଲୋକ ଘର ଛାତ ଲେବଲ ପର୍ଯ୍ୟନ୍ତ କରି ୨ଟି କିସ୍ତି ଟଙ୍କା ଉଠାଣ କରିଥିବାବେଳେ କରୋନା କାରଣରୁ ଛାତ କରିପାରି ନ ଥିଲେ । ହେଲେ ଗୃହ ସମ୍ପୁର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କ ଚାଉଳ ବନ୍ଦ କରି ଦିଆଯାଇଥିଲା।

## କଂଗ୍ରେସ ନେତା କୈଳାସ ଅଗ୍ରୱାଲଙ୍କ ପରଲୋକ

**ଜୁନାଗଡ,୩୧।୧(ଡି.ଏନ୍.ଏ)**



କଳାହାଣ୍ଡି ଜିଲା ଜୁନାଗଡ ସହରର ବରିଷ୍ଠ କଂଗ୍ରେସ ନେତା କୈଳାସ ଅଗ୍ରୱାଲଙ୍କ ରବିବାର ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୫୯ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହ କଂଗ୍ରେସ ଶିବିରରେ ଶୋକର ଛାୟା ଖେଳିଯାଇଛି। ବର୍ତ୍ତମାନ ସେ ଜୁନାଗଡ ନଗର କଂଗ୍ରେସର ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ଶେଷଦର୍ଶନ ସମୟରେ ଅଞ୍ଚଳର ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ଫାଣ୍ଡି ଅଧିକାରୀଙ୍କ କାର ଧକ୍କାରେ ଗୋଳାବାରୁଦ କାରଖାନା କର୍ମଚାରୀ ମୃତ୍ୟୁ ଘଟଣା**

**ସଇଁତଲା, ୩୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଗୋଏଲଭାଡ଼ି ଛକରେ ରବିବାର ମଧ୍ୟାହ୍ନରେ ବଡ଼ମାଲ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁଙ୍କ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ବଡ଼ମାଲ ଗୋଳାବାରୁଦ କାରଖାନାର କର୍ମଚାରୀ ରମେଶ ନାଗ। ସୋମବାର ମୃତଦେହ ବ୍ୟବଚ୍ଛେଦ ହୋଇ ଏଠାକୁ ଆସିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ସଇଁତଲା ଥାନା ସମ୍ମୁଖରେ ମୃତଦେହ ରଖି ଜାତୀୟ ରାଜପଥ ୨୬ ଅବରୋଧ କରିଥିଲେ। ମୃତକଙ୍କ ପରିବାରର ଜଣଙ୍କୁ ଚାକିରି, ପରିବାରକୁ କ୍ଷତିପୂରଣ ବାବଦରେ ୨୫ଲକ୍ଷ ଟଙ୍କା ପ୍ରଦାନ ଏବଂ ବଡ଼ମାଲ ଫାଣ୍ଡି ଅଧିକାରୀଙ୍କୁ ଗିରଫ କରିବାକୁ ରାସ୍ତାରୋକୋ କରି ଆନ୍ଦୋଳନକାରୀ ଦାବି କରିଥିଲେ। ଘଟଣାସ୍ଥଳରେ ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ସଇଁତଲା ତହସିଲଦାର ସୁରେନ୍ଦ୍ର ମେହେର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗାଡ଼ିର ଇନ୍‌ସୁରାନ୍ସ ବାବଦ ରାଶି ପରିବାରବର୍ଗଙ୍କୁ ଦିଆଯିବା ସହ ଗୋଳାବାରୁଦ କାରଖାନାରେ ଶୀଘ୍ର ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସମସ୍ତ ସହଯୋଗ କରାଯିବ ବୋଲି ଏସ୍‌ଡିପିଓ ଶତପଥୀ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଦୀର୍ଘ ୩ ଘଣ୍ଟା ଧରି ରାଜପଥ ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଘଟଣାରୁ ପ୍ରକାଶ ଯେ, ରବିବାର ଟିଟିଲାଗଡ଼ରୁ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ନିଜ କାର୍‌ରେ ଆସୁଥିବା ସମୟରେ ବଡ଼ମାଲ ଗୋଳାବାରୁଦ କାରଖାନା କର୍ମଚାରୀ ରମେଶ ନାଗ ନିଜ ବାଇକ୍‌ରେ ଡାକ୍ତରଖାନାରେ ଥିବା ଜଣେ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଯାଉଥିବା ବେଳେ ଗୋଏଲଭାଡ଼ି ଛକ ନିକଟରେ କାର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫାଣ୍ଡି ଅଧିକାରୀ ସାହୁଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ଓ ରମେଶଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ପଠାଯାଇଥିଲା। ହେଲେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ।



ଥାନା ସମ୍ମୁଖରେ ମୃତଦେହ ରଖି ଲୋକେ ରାଜପଥ ଅବରୋଧ କରିଛନ୍ତି।